## ୧୦ କିଲୋ ତମ୍ବା ତାର ଜବତ : ଜଣେ ଗିରଫ

କୁଜଙ୍ଗ,(ଡି.ଏନ୍.ଏ.): ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପରୁ ତମ୍ବା ତାର ଚୋରି କରିବା ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଏରସମା ଥାନା ଅନ୍ତର୍ଗତ ବୋଡିଗାଁ ଗ୍ରାମର ବୀରକିଶୋର ସାମଲ। ତାଙ୍କ ଠାରୁ ୧୦ କିଲୋ ତମ୍ବା ତାର ଅଭୟଚାନ୍ଦପୁର ଥାନା ପୋଲିସ ଜବତ କରିଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ମାମଲା (ନଂ.୩୬୦/୨୨) ରୁଜୁ ହୋଇଛି। ବୀରକିଶୋର ଏସବୁ ତମ୍ବା ତାର ଚୋରି କରୁଥିବାବେଳେ ତୈଳ ବିଶୋଧନାଗାର ପ୍ରକଳ୍ପର ୨ ନମ୍ବର ଗେଟ୍‌ରେ ଜଗୁଆଳି ଦାୟିତ୍ୱରେ ଥିବା କେନ୍ଦ୍ର ଶିଳ୍ପ ନିରାପତା ବାହିନୀ ହାତରେ ଧରାପଡ଼ିଥିଲେ।

## ସଂକ୍ଷେପରେ

### ଶ୍ରୀତମ୍‌ଙ୍କ ମୃତ୍ୟୁ ଘଟଣାର ତଦନ୍ତ ନ ହେଲେ ଆନ୍ଦୋଳନ

ନାଉଗାଁ,୧୩।୧୦(ସ୍ୱ.ପ୍ର.): ନାଉଗାଁ ଥାନା ଅନ୍ତର୍ଗତ ଘୋଡାଂଶ ଗାଁର ନବମ ଶ୍ରେଣୀ ଛାତ୍ର ଶ୍ରୀତମ୍ ନାୟକଙ୍କ ମୃତ୍ୟୁକୁ ଇତିମଧ୍ୟରେ ୧୨ଦିନ ପୂରିଛି। ମାତ୍ର ହତ୍ୟାକାରୀଙ୍କୁ ଧରିବାରେ ପ୍ରଶାସନ ବିଫଳ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏହି ଘଟଣାର ସିବିଆଇ ତଦନ୍ତ ଦାବି କରି ଛାତ୍ରୀଛାତ୍ର ଓ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗୁରୁବାର ରାଜ୍ୟ ଓ ଜିଲା ଅଭିଭାବକ ମହାସଂଘର ସଦସ୍ୟମାନେ ଶ୍ରୀତମ୍‌ଙ୍କ ପରିବାର ଲୋକଙ୍କୁ ଭେଟି ଘଟଣାର ଖୋଲତାଡ କରିଛନ୍ତି। ଏଥିସହ ଶ୍ରୀତମଙ୍କ ମୃତ୍ୟୁ ଘଟଣାର ଠିକ୍‌ଭାବେ ତଦନ୍ତ ନ ହେଲେ ଆଗକୁ ଆନ୍ଦୋଳନ ଜୋରଧରିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏଥିରେ ଅଭିଭାବକ ମହାସଂଘର ରାଜ୍ୟ ଉପାଧ୍ୟକ୍ଷ ଡ. ଧ୍ରୁତିଧର ଦାସ, ରାଜ୍ୟ ସଂଗଠନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଜଗତ୍‌ସିଂହପୁର ଜିଲା ଉପଦେଷ୍ଟା ଅନାଦି ଚରଣ ବେହେରା, ଜିଲା ସମ୍ପାଦକ ଆଇନଜୀବୀ ଶକ୍ତିଧର ମିଶ୍ର, ଜିଲା କାର୍ଯ୍ୟ ନିର୍ବାହୀ ସଦସ୍ୟ ପିଣ୍ଟୁ ମୁଦୁଲି , ଜିଲା ଆବାହକ ସୁରେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଗତ ଅକ୍ଟୋବର୨ରେ ସ୍କୁଲ ଛୁଟି ଥିବାବେଳେ ନାଉଗାଁ ବ୍ଲକ ଶୁଦ୍ଧକଣ୍ଠି କମଳଲୋଚନ ଉଚ୍ଚ ବିଦ୍ୟାଳୟକୁ ଶ୍ରୀତମ୍ ଟିଉସନ ହେବାକୁ ଯାଇଥିଲେ। ଏହି ସ୍କୁଲ ପରିସରରେ ଥିବା ପୋଖରୀରେ ତାଙ୍କୁ କୌଣସି ବ୍ୟକ୍ତି ଠେଲି ପକାଇଛି। ଫଳରେ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

### ନଦୀବନ୍ଧ ତଳକୁ ଓଲଟିଲା ବାଲି ବୋଝେଇ ହାଇୱା

ତିର୍ତ୍ତୋଲ, ୧୩।୧୦(ଡି.ଏନ.ଏ.) ତିର୍ତ୍ତୋଲ ତହସିଲ ଅଧୀନ ପାଇକା ନଦୀର ସରଳପୁର ନିକଟରୁ ବାଲି ଉଠାଇ ଏକ ହାଇୱା ମହାନଦୀ ବନ୍ଧ ଦେଇ ଆସୁଥିବାବେଳେ ଓଲଗଦା ନିକଟରେ ତଳକୁ ଓଲଟି ପଡ଼ିଛି। ସୌଭାଗ୍ୟବଶତଃ ଚାଳକ ଜଣକ ରକ୍ଷା ପାଇଯାଇଥିଲେ। ନଦୀବନ୍ଧ ଉପରେ ଭାରିଯାନ ଚଳାଚଳ ନିଷେଧ ଥିବା ବେଳେ ଏହି ହାଇୱା ବେନିୟମ ଭାବରେ ବାଲି ବୋଝେଇ କରି ଆସୁଥିଲା। ଦୁର୍ଘଟଣାରେ ପରେ ସ୍ଥାନୀୟ ଲୋକେ ସେଠାରେ ରୁଣ୍ଡ ହୋଇ ହୋହାଲ୍ଲା କରିଥିଲେ। ପାଇକା ନଦୀରୁ ବେଆଇନ ବାଲି ଉଠାଣ ସମ୍ପର୍କରେ ଶଙ୍ଖେଶ୍ୱର ରାଜସ୍ୱ ନୀରିକ୍ଷକ ଅମିୟ ରାଉତ କହିଛନ୍ତି, ସେ ବାଲି ଉଠାଣ ସମ୍ପର୍କରେ କିଛି ଜାଣିନାହାନ୍ତି। ତାଙ୍କ ଅଗୋଚରରେ ବାଲି ଉଠାଣ କରାଯାଉଥିଲେ ଏନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ।



# ନାଁକୁ ଚାଲିଛି ଜଗତ୍‌ସିଂହପୁର ମୃତ୍ତିକା ସଂରକ୍ଷଣ ବିଭାଗ

- ୨୯ ପଦବୀରୁ ୧୨ ଖାଲି
- ବିଭାଗର ନିଜସ୍ୱ ବିଲ୍ଡିଂ ନାହିଁ
- ଅନୁଦାନ ନାହିଁ, କେବଳ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସୀମିତ

ଜଗତସିଂହପୁର ଅଫିସ, ୧୩।୧୦

ରାଜ୍ୟ ସରକାର ମୃତ୍ତିକା ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରୁଥିବା କୁହାଯାଉଛି। ଏନେଇ ଓଡ଼ିଶା ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ କାର୍ଯ୍ୟ କରୁଛି। ବିଭାଗର ୮ମ ବାର୍ଷିକ ଯୋଜନାରେ ୩ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ରାଜ୍ୟ ଯୋଜନା(ଷ୍ଟେଟ ପ୍ଲାନ)ରେ କରାଯିବା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା। ସେଗୁଡିକ ହେଲା ସମନ୍ୱିତ ଜଳଛାୟା ଉନ୍ନୟନ ପ୍ରକଳ୍ପ (ଆଇଡବ୍ଲ୍ୟୁଏମ୍‌ପି), ବର୍ଷା ହେଉଥିବା ଅଞ୍ଚଳ ପାଇଁ ଜାତୀୟ ଜଳ ଛାୟା ଉନ୍ନୟନ ପ୍ରକଳ୍ପ (ଏନ୍‌ଡବ୍ଲ୍ୟୁଡିପିଆର୍‌ଏ) ଏବଂ ଇଣ୍ଡୋ-ଡେନିସ୍ କମ୍ପ୍ରେହେନ୍‌ଶିପ୍ ୱାଟରଶେଡ୍ ଡେଭଲପମେଣ୍ଟ ପ୍ରକଳ୍ପ (ଆଇଡିସିଡବ୍ଲ୍ୟୁଡିପି)। ଜମିର ଅବକ୍ଷୟ ରୋକିବା ସାଙ୍ଗକୁ ପରିବେଶକୁ ଠିକ ରଖିବା ଏହାର ଲକ୍ଷ୍ୟ ଥିଲା। ଏଥିସହ ଆର୍ଦ୍ରତା ଧରି ରଖିବା କ୍ଷମତା ବୃଦ୍ଧି ସହ ମାଟିର ଉର୍ବରତା ଓ ଉତ୍ପାଦନ କ୍ଷମତା ବଢ଼ାଇବା ଆଦି ଉଦ୍ଦେଶ୍ୟ ଥିଲା। ମୃତ୍ତିକା ସଂରକ୍ଷଣ ଦ୍ୱାରା ଭୂତଳ ଜଳସ୍ତର ନିୟନ୍ତ୍ରଣ କରିବାକୁ ସ୍ଥିର କରାଯାଇଥିଲା। ଏନେଇ ଡ୍ରଟ୍ ପ୍ରୋନ୍ ଏରିଆ ପ୍ରୋଗ୍ରାମ (ଡିପିଏପି)ରେ ଏବଂ ଇଣ୍ଟିଗ୍ରେଟେଡ୍ ଜଳଛାୟା ଉନ୍ନୟନ କାର୍ଯ୍ୟକ୍ରମ (ଆଇଡବ୍ଲ୍ୟୁଡିପି) ମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଏମ୍ପ୍ଲୟମେଣ୍ଟ ଆସ୍ୟୁରାନ୍ସ ସ୍କିମ୍ (ଇଏଏସ୍) କାର୍ଯ୍ୟକାରୀ ହେଲା। ମୋଟାମୋଟି ଭାବରେ ଜଳ ଅମଳ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କିନ୍ତୁ ଜଗତ୍‌ସିଂହପୁର ଜିଲାରେ ଏସବୁ କେବଳ ପ୍ରହସନରେ ପରିଣତ ହୋଇଛି। ଜିଲାରେ ବିଭାଗୀୟ କାର୍ଯ୍ୟ କ'ଣ ହେଉଛି ତାହା ସାଧାରଣତଃ ବାରି ହେଉନାହିଁ। କାରଣ ବିଭାଗର ନିଜସ୍ୱ କାର୍ଯ୍ୟାଳୟ ବିଲ୍ଡିଂ ନ ଥିବାବେଳେ ୨୯ ପଦବୀରୁ ୧୨ଟି ଖାଲି ପଡିଛି। କେବଳ ଏତିକି ନୁହେଁ, ରାଜ୍ୟ ସରକାର ଜିଲାର ସ୍ୱାର୍ଥକୁ ଗୌଣ କରୁଥିବା ଅନୁଭବ ହେଉଛି। ଜଗତ୍‌ସିଂହପୁର ତଳିଆ ଜିଲା ହୋଇଥିବାରୁ ବର୍ଷାଦିନେ ମୃତ୍ତିକା ଅବକ୍ଷୟ ସ୍ୱାଭାବିକ। ଅର୍ଥାତ୍ ମାଟି ନଦୀ ଓ ସମୁଦ୍ରକୁ ବୋହିଯାଉଛି। ଏହାର ସ୍ଥାୟୀ ସମାଧାନ ପାଇଁ ସରକାରୀସ୍ତରରେ କୌଣସି ଆନ୍ତରିକତା ପ୍ରକାଶ ପାଉ ନ ଥିବାରୁ ଦିନକୁ ଦିନ ଜିଲାବାସୀ କ୍ଷତିଗ୍ରସ୍ତ ହୋଇ ଚାଲିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ଜଗତ୍‌ସିଂହପୁର ଏକ କୃଷି ପ୍ରବଣ ଜିଲା। ଏଠାକାର ଅଧିକାଂଶ ଲୋକେ ଚାଷ ଉପରେ ନିର୍ଭର କରନ୍ତି। ପ୍ରତିବର୍ଷ ବର୍ଷାଦିନେ ଜିଲାର ଅଧିକାଂଶ ଅଞ୍ଚଳ ଜଳ ଦ୍ୱାରା ପ୍ରଭାବିତ ହୁଏ। ଆବଶ୍ୟକ ଡ୍ରେନ୍ ସୁବିଧା ଓ ମୃତ୍ତିକା ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଉ ନ ଥିବାରୁ ମାଟି ଅବକ୍ଷୟ ହୋଇ ଚାଲିଛି । ଜିଲାରେ ନାଁକୁ ଚାଲିଛି ମୃତ୍ତିକା ସଂରକ୍ଷଣ ବିଭାଗ। ଏହି ଅଭିଯୋଗକୁ କେତେକାଂଶରେ ସ୍ୱୀକାର କରିଛନ୍ତି ଜଗତ୍‌ସିଂହପୁରସ୍ଥିତ ମୃତ୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ (ଏଡିଏସ୍‌ସି) ପ୍ରସନ୍ନ ପାତ୍ର। ସେ କହିଛନ୍ତି, ବିଭାଗ ନାଁରେ ୨୫ ଡେସିମିଲ୍ ଜମି ଅଛି, କିନ୍ତୁ କାର୍ଯ୍ୟାଳୟ ବିଲ୍ଡିଂ ନାହିଁ। ଆର୍‌କେଭିୱାଇ (ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା) କାର୍ଯ୍ୟକାରୀ ଉଦ୍ଦେଶ୍ୟରେ ଥିବା ବିଭାଗୀୟ ରିସୋର୍ସ ସେଣ୍ଟର ଓ ଟ୍ରେନିଂ ହଲ୍‌ରେ ଦୀର୍ଘ ବର୍ଷ ଧରି କାମଚଳା ଭାବେ ଏହି କାର୍ଯ୍ୟାଳୟ ଚାଲିଛି। ଏଠାରେ ଖାଲିପଡ଼ିଥିବା ପଦବୀ ମଧ୍ୟରୁ ଚଳିତ ମାସରେ କେବଳ ୫ ଜଣ ନିଯୁକ୍ତି ପାଇଛନ୍ତି। ଆଉ ୧୨ ଖାଲି ପଡ଼ିଥିବା ପଦବୀଗୁଡ଼ିକ ହେଲା ୨ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ (ଏଏସ୍‌ସିଓ), ୨ କନିଷ୍ଠ ସହାୟକ, ୪ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମୀ (ଏସ୍‌ସିଇଡବ୍ଲ୍ୟୁ), ୨ ପିଅନ ଓ ଗୋଟିଏ ଲେଖାଏ ମୃତ୍ତିକା ସଂରକ୍ଷଣ ସହାୟକ ଏବଂ ଚୌକିଦାର ପଦବୀ। ଗତବର୍ଷ କିଛି ଅଞ୍ଚଳରେ ଚାରାରୋପଣ କରାଯାଇଥିଲା। ଏବର୍ଷ ସରକାର ବନ୍ଦ କରି ଦେଇଛନ୍ତି । ବିଭାଗରୁ ଆଉ ଅନୁଦାନ ଆସୁନି । କେବଳ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଫାର୍ମ ପଣ୍ଡ ଖୋଳା କାମ ଚାଲିଥିବା ପାତ୍ର ସୂଚନା ଦେଇଛନ୍ତି । ଏହା ଉପରେ ଜିଲା ପ୍ରଶାସନ, ଲୋକ ପ୍ରତିନିଧି ସର୍ବୋପରି ରାଜ୍ୟ ସରକାର ଗୁରୁତ୍ୱାରୋପ କରି ଦେଖାଦେଇଥିବା ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।



ଆର୍‌କେଭିୱାଇ ଉଦ୍ଦେଶ୍ୟରେ ଥିବା ରିସୋର୍ସ ସେଣ୍ଟରରେ ଜଗତ୍‌ସିଂହପୁର ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ଚାଲିଛି।

## ପୋଖରୀରେ ବୁଡ଼ି ନାବାଳିକା ମୃତ

### ମାମୁଘରକୁ ବୁଲିବାକୁ ଆସିଥିଲେ

ରଘୁନାଥପୁର,୧୩।୧୦(ଡି.ଏନ୍.ଏ.)

ରଘୁନାଥପୁର ଥାନା ତାରପୁର ପଞ୍ଚାୟତ ଅନ୍ତର୍ଗତ ଖଣ୍ଡତରିସ୍ଥିତ ଏକ ପୋଖରୀରୁ ଗୁରୁବାର ଜଣେ ନାବାଳିକାଙ୍କ ମୃତଦେହ ମିଳିଛି। ସେ ହେଲେ ତିର୍ତ୍ତୋଲ ଥାନା ଶଙ୍ଖେଶର ବଡଜିଙ୍ଗଲ ଗ୍ରାମର ରାମଚନ୍ଦ୍ର ଦାସଙ୍କ ଝିଅ ଚିନ୍ମୟୀ (୧୭)। ଏ ସମ୍ପର୍କରେ ରଘୁନାଥପୁର ଥାନାକୁ ଖବର ଦିଆଯିବା ପରେ ଏସ୍‌ଆଇ ଅନିଲ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୧୧/୨୨) ରୁଜୁ ହୋଇଛି। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଚିନ୍ମୟୀ ଖଣ୍ଡତରିସ୍ଥିତ ମାମୁଘରକୁ ବୁଲିବାକୁ ଆସିଥିଲେ। ବୁଧବାର ସନ୍ଧ୍ୟାରେ ଶୌଚ ହେବା ପାଇଁ ମାମୁଘର ବାଡ଼ିପଟେ ଥିବା ଏକ ପୋଖରୀକୁ ଯାଇଥିଲେ। ସେଠାରେ ଅସାବଧାନତାବଶତଃ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ମାମୁଘର ଲୋକେ ଚାରିଆଡେ ଖୋଜାଖୋଜି କରିଥିଲେ ସୁଦ୍ଧା ଚିନ୍ମୟୀଙ୍କ କୌଣସି ଖୋଜ ଖବର ପାଇ ନ ଥିଲେ। ଏ ସମ୍ପର୍କରେ ଚିନ୍ମୟୀ ବାପାଙ୍କୁ ମାମୁଘର ଲୋକେ ଜଣାଇଥିଲେ। ଗୁରୁବାର ସକାଳେ ଚିନ୍ମୟୀଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ମାମୁ ସୁକାନ୍ତ ଓ ବଳରାମ ପାଣିରୁ ବାହାରକୁ ଆଣି ପୋଲିସରେ ଖବର ଦେଇଥିଲେ।

## ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପ୍ରତିନିଧି ଦଳର କୁଜଙ୍ଗ ଗସ୍ତ


ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଦଳର ସଦସ୍ୟମାନେ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲୁଛନ୍ତି।

କୁଜଙ୍ଗ,୧୩।୧୦(ଡି.ଏନ୍.ଏ.)

ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଗୁରୁବାର କୁଜଙ୍ଗ ଗସ୍ତରେ ଆସି ବନ୍ୟା ବିପର୍ଯ୍ୟସ୍ତ ପଞ୍ଚାୟତ ବୁଲି କ୍ଷୟକ୍ଷତି ଆକଳନ କରିଛନ୍ତି । ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରତିଷ୍ଠାନର ମୁଖ୍ୟ ସନ୍ତୋଷ କୁମାର, ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ଡା. ଅବନିତ ରନ୍ଧୱା ପ୍ରମୁଖ ଆସି ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା କାଠକୋଟ, ହଂସୁରା, ବଡ ବାଲିକଣି, ତାଳପଡା ଓ ସାଇଲୋ ପଞ୍ଚାୟତର ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ । ସେମାନେ ପ୍ରଥମେ ସାଇଲୋ ପଞ୍ଚାୟତର ହରିପୁର ଓ ତେରମାଣପୁରଠାରେ ହୋଇଥିବା ଘାଇ ଅଞ୍ଚଳ, ବିଦ୍ୟାଳୟ ଓ ରାସ୍ତା ଆଦି ବୁଲି ଦେଖିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପରେ ହଂସୁରାଠାରେ ଥିବା ପ୍ରାଥମିକସ୍ୱାସ୍ଥ୍ୟ କେନ୍ଦ୍ର ବୁଲିବା ସହ କାଠକୋଟର ପାଇକା ନଦୀରେ ହୋଇଥିବା ଘାଇ ଅଞ୍ଚଳ ପରିଦର୍ଶନ କରିଥିଲେ । ପ୍ରତିନିଧି ଦଳଙ୍କ ଏହି ଗସ୍ତ ସମୟରେ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ସହକାରୀ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ବାରିକ, ଓସ୍‌ଡମାର ସୁନୀତା ଜେନା, ବରିଷ୍ଠ ଟିସି ଶୁଭେନ୍ଦୁ ବରାଳ ପ୍ରମୁଖ ସାମିଲ ହୋଇଥିଲେ ।

## ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସମିତିସଭ୍ୟଙ୍କ ଧାରଣା

କନିଷ୍ଠ ଯନ୍ତ୍ରୀ, ସହାୟକ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସହଯୋଗ କରୁ ନ ଥିବା ଅଭିଯୋଗ

ନାଉଗାଁ,୧୩।୧୦(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅନ୍ତର୍ଗତ ଘୋଡାଂଶ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ଲକ କନିଷ୍ଠ ଯନ୍ତ୍ରୀ ଓ ସହାୟକ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅସହଯୋଗ କରୁଥିବା ଅଭିଯୋଗ କରି ସମିତି ସଭ୍ୟ ତରୁଣକାନ୍ତ ବାରିକ ଗୁରୁବାର ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବିଡିଓ ରଶ୍ମିରେଖା ମଲ୍ଲିକଙ୍କ ହସ୍ତକ୍ଷେପ ପରେ ସେ ଧାରଣାରୁ ଓହରିଥିଲେ। ସମିତି ସଭ୍ୟ ବାରିକଙ୍କ ଅଭିଯୋଗ ମୁତାବକ ପଞ୍ଚାୟତ ସମିତି ମାଧ୍ୟମରେ ଏହି ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ଯୋଜନା କରାଯାଇଛି। ଏସବୁ ଯୋଜନାଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ବ୍ଲକର କନିଷ୍ଠ ଯନ୍ତ୍ରୀ ଓ ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ବାରମ୍ବାର ଅନୁରୋଧ କରାଯାଇଛି। ମାତ୍ର ଏଥିପ୍ରତି ସେମାନେ ଧ୍ୟାନ ଦେଉ ନଥିବାରୁ ବାରିକ୍ ଧାରଣା ଦେବାକୁ ବାଧ୍ୟ ହୋଇଥିବା କହିଛନ୍ତି।


ତରୁଣାକନ୍ତ ବାରିକ ଧାରଣାରେ ବସିଛନ୍ତି।




## ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ଟେଷ୍ଟପେପର ବଣ୍ଟନ

କୁଜଙ୍ଗ,୧୩।୧୦(ଡି.ଏନ୍.ଏ.)

ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳ ସମେତ ପାରାଦୀପ ସହରାଞ୍ଚଳରେ ଥିବା ହାଇସ୍କୁଲରେ ଟେଷ୍ଟପେପର ବଣ୍ଟନ କରାଯାଇଛି। କମ୍ପାନୀ ପକ୍ଷରୁ ଗୁରୁବାର ସ୍ଥାନୀୟ ଢିଙ୍କିଆ, ନୂଆଗାଁ ଏବଂ ଗଡକୁଜଙ୍ଗ ପଞ୍ଚାୟତରେ ତିନିଟି ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରୀଙ୍କୁ ଏହା ପ୍ରଦାନ କରାଯାଇଛି। ପ୍ରସ୍ତାବିତ ଅଞ୍ଚଳର ଢିଙ୍କିଆସ୍ଥିତ କପ୍ତେଶ୍ୱର ହାଇସ୍କୁଲର ୯୬ ଛାତ୍ରୀଛାତ୍ର, ନୂଆଗାଁସ୍ଥିତ କୁଞ୍ଜବିହାରୀ ହାଇସ୍କୁଲର ୯୦ ଛାତ୍ରୀଛାତ୍ର, ସରକାରୀ ଉନ୍ନୀତ ହାଇସ୍କୁଲ ଗଡକୁଜଙ୍ଗର ୭୩ ଛାତ୍ରୀଛାତ୍ରଙ୍କୁ ଏଡି ଟେଷ୍ଟ ପେପର ଦିଆଯାଇଛି। ସେହିପରି ପାରାଦୀପ ସହରାଞ୍ଚଳରେ ଥିବା ଏନ୍‌ଏସି ହାଇସ୍କୁଲର ୧୩୭ ଛାତ୍ରୀଛାତ୍ର ଓ ଏନ୍‌ଏସି ବାଳିକା ଉଚ୍ଚ ବିଦ୍ୟାଳୟର ୫୪ ଛାତ୍ରୀଙ୍କୁ ଏହି ପୁସ୍ତକ ପ୍ରଦାନ କରାଯାଇଛି। ଏହି ଅବସରରେ ଏନ୍‌ଏସି ହାଇସ୍କୁଲର ପ୍ରଧାନ ଶିକ୍ଷକ କ୍ଷେତ୍ର ମୋହନ ସାହୁ, ଏନ୍‌ଏସି ବାଳିକା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ପୁହାଣ, କପ୍ତେଶ୍ୱର ହାଇସ୍କୁଲର ପ୍ରଧାନ ଶିକ୍ଷକ କ୍ଷିରୋଦ ବେହେରା, କୁଞ୍ଜବିହାରୀ ହାଇସ୍କୁଲର ପ୍ରଧାନ ଅର୍ଜୁନ ସିଂହ, ଗଡକୁଜଙ୍ଗ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜିବ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ରାଷ୍ଟ୍ରପତିଙ୍କ ଜୀବନୀ ଲେଖି ଚର୍ଚ୍ଚାରେ ତେଜସ୍ୱିନୀ

- ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କଠାରୁ ମିଳିଛି ପ୍ରଶଂସାପତ୍ର
- ଲକ୍ଷ୍ୟ ପ୍ରଶାସନିକ ଅଧିକାରୀ ହେବା, ଜୀବନ ରହିଛି ସାହିତ୍ୟରେ

ରଘୁନାଥପୁର,୧୩।୧୦(ଡି.ଏନ.ଏ.)

ମାତ୍ର ୧୭ ବର୍ଷ ବୟସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ ସମ୍ପର୍କରେ ଲେଖି ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ସାଦେଇପୁର ଗ୍ରାମର ଯୁକ୍ତ ଦୁଇ ବିଜ୍ଞାନ ଛାତ୍ରୀ ତେଜସ୍ୱିନୀ ପଣ୍ଡା ଚର୍ଚ୍ଚାରେ ରହିଛନ୍ତି। ବାପା ଶୁଭେନ୍ଦୁ ବର୍ତ୍ତମାନ ପୋଲିସ ବିଭାଗରେ କାର୍ଯ୍ୟରତ, ତାଙ୍କ ପ୍ରେରଣା ଓ ମା' କଳ୍ପନାଙ୍କ ଦିଗ୍‌ଦର୍ଶନ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି। ସେପ୍ଟେମ୍ବର ୨୫ରେ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଟାଇମ ପାସ ପବ୍ଲିକେଶନ ଦ୍ୱାରା ପ୍ରକାଶିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁସ୍ତକକୁ ରାଜ୍ୟପାଳଙ୍କ ଲୋକ ସମ୍ପର୍କ ଅଧିକାରୀ ରକ୍ଷକ ନାୟକ ଉନ୍ମୋଚନ କରିଥିଲେ। ସେଠାରେ ଗାଳ୍ପିକା ହିରଣ୍ମୟୀ ମିଶ୍ର, ପ୍ରକାଶକ ସରୋଜ ବଳଙ୍କ ସହ ଦେଶବିଦେଶର ବହୁ ସୁନାମଧନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହା ପୂର୍ବରୁ ମେ' ୧୧ ତାରିଖରେ ତେଜସ୍ୱିନୀଙ୍କ ପ୍ରଥମ ରଚିତ କବିତା ସଙ୍କଳନ 'ହୃଦୟ ତୀରେ'କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁରୂପ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପକ୍ଷରୁ ମଧ୍ୟ ତାଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଏହାଛଡା ଜଗତ୍‌ସିଂହପୁର ସାହିତ୍ୟ ପରିଷଦ ଓ ବାଇମୁଣ୍ଡି ସାହିତ୍ୟ ପରିଷଦରେ କବିତା ପାଠ କରି ମାନପତ୍ର ସହ ସମ୍ବର୍ଦ୍ଧିତ ହୋଇଥିଲେ। ସେହିପରି ନବକାକଳି ସାହିତ୍ୟ ପରିଷଦ ପକ୍ଷରୁ ସାହିତ୍ୟରତ୍ନ ଡ. ସୁରେନ୍ଦ୍ର ତ୍ରିପାଠୀ ତେଜସ୍ୱିନୀଙ୍କୁ ଯୁବ କବୟିତ୍ରୀ ଗୌରବ ସମ୍ମାନରେ ସମ୍ମାନିତ କରିଥିଲେ। ଓଡ଼ିଶା ମାଟିର ଝିଅ ଦ୍ରୌପଦୀ ଭାରତର ରାଷ୍ଟ୍ରପତି ଆସନ ଅଳଙ୍କୃତ କରିବା ପରେ ଅତ୍ୟନ୍ତ ଖୁସି ହୋଇଥିଲେ ତେଜସ୍ୱିନୀ। ରାଷ୍ଟ୍ରପତି ଦ୍ରୌପଦୀଙ୍କ ବାଲ୍ୟକାଳରୁ ଶପଥ ଗ୍ରହଣ ପର୍ଯ୍ୟନ୍ତ ସମସ୍ତ ତଥ୍ୟ ସଂଗ୍ରହ କରି ଜୀବନର ସଂଘର୍ଷ କାହାଣୀକୁ ମାତ୍ର ୧୫ ଦିନ ମଧ୍ୟରେ ପୁସ୍ତକରେ ବାନ୍ଧି ରଖିଥିଲେ ବୋଲି ସେ କହିଛନ୍ତି। ରାଷ୍ଟ୍ରପତିଙ୍କୁ ଭେଟିବାର ଆଶା ତାଙ୍କର ଥିବା ସେ ପ୍ରକାଶ କରିଛନ୍ତି। ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ସେ କବିତା, ଗଳ୍ପ ଓ ପ୍ରବନ୍ଧ ପ୍ରତି ଅନୁରକ୍ତ ହୋଇଥିଲେ। ରାଜ୍ୟର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଆମନ୍ତ୍ରଣ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲେ ସୁଦ୍ଧା ନିଜ ବ୍ଲକ ଓ ଜିଲା ପ୍ରଶାସନ ତାଙ୍କୁ ଭୁଲି ଯାଇଛି ବୋଲି ତେଜସ୍ୱିନୀ କହିଛନ୍ତି। ବାପା ଶୁଭେନ୍ଦୁ ତାଙ୍କଠାରୁ ଦୂରରେ ରହି ଚାକିରି କରୁଥିବାରୁ ଏକାକୀ ବିଭିନ୍ନ ସ୍ଥାନକୁ ଯିବା ଆସିବା କରିବାରେ ସମସ୍ୟା ସୃଷ୍ଟି ହୋଇଛି। ଫଳରେ ଲେଖାଲେଖି କରିବାରେ ବ୍ୟତିକ୍ରମ ହେଉଥିବା ସେ କହିଛନ୍ତି।











କେନ୍ଦ୍ରାପଡ଼ାର ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ

ବଳଗଣ୍ଡି ବଜାର। ବାଟମଙ୍ଗଳା। ବାୟାମଠ। ବ୍ଲକ୍ ରୋଡ୍।


ବ୍ୟାସ ସରୋବର।


ଚଉଦକୁଲାଟ।


ଦୁହୁରିଆ ରେଳଲାଇନ।


ଏକନାଖଣ୍ଡି।


ଗଙ୍ଗା ଭାଗୀରଥୀ।


ଗୋପ ଛକ।


ଜୟଗୁରୁ କ୍ଳବ।



କାକଟ ମଙ୍ଗଳା।


ମନକାରପୁର।


ମୀରପାଟଣା।


ନୃସିଂହ ଅବତାର।


ନୂଆ ବସ୍‌ଷ୍ଟାଣ୍ଡ, ଥାନପତି।


ଛତାବଟ ଗୋସାଣୀ, ଡେରାବିଶ।


ରୋହିଣୀ ନନ୍ଦନ।


ସାନ ମଙ୍ଗଳା।


ତହସିଲ ଛକ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଉର୍ବଶୀ


@ କିଶୋର


@ ବଳରାମ


@ ଅମର


@ ସ୍ୱାରକ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପଟ୍ଟାମୁଣ୍ଡାଇରେ ୨ ଡେଙ୍ଗୁ ରୋଗୀ ଚିହ୍ନଟ, ଲୋକେ ଭୟଭୀତ

ପଟ୍ଟାମୁଣ୍ଡାଇ, ୧୩।୧୦(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ଏ ବର୍ଷ ପ୍ରଥମ ଥର ପାଇଁ ଡେଙ୍ଗୁ ଜ୍ୱରରେ ୨ଜଣ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ବ୍ଲକର ଶାସନ ଗାଁରେ ୨ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ତତ୍ପର ହୋଇପଡ଼ିଛି। ଏହି ଗ୍ରାମର ୨ ଜଣ ବ୍ୟକ୍ତି ଜ୍ୱରରେ ପୀଡିତ ହୋଇଥିଲେ। ବାନ୍ତି ଓ ମୁଣ୍ଡ ବୁଲାଇବା ସହ ଜ୍ୱର ନ ଛାଡ଼ିବାରୁ ତାଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ରକ୍ତ ନମୂନା ପରୀକ୍ଷା ପରେ ସେମାନଙ୍କୁ ଡେଙ୍ଗୁ ଜ୍ୱର ହୋଇଥିବା ଜଣାପଡ଼ିଥିଲା। ପରେ ସେମାନଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗତ ୨ରୁ ୩ ମାସ ଧରି ଦୁହାକୁ ଦୁହା ବର୍ଷା ଲାଗି ରହିବା କାରଣରୁ ପରିବେଶ ଦୂଷିତ ହୋଇଛି। ଫଳରେ ମଶା ବଂଶ ବୃଦ୍ଧି ପାଇ ଡେଙ୍ଗୁ ରୋଗ ଦେଖାଦେଇଛି ବୋଲି କୁହାଯାଉଛି। ଗାଁ ନିକଟରେ ପରିତ୍ୟକ୍ତ ଅବସ୍ଥାରେ ଗାଡିଆ ଥିବାବେଳେ ଡ୍ରେନ୍ ବହୁଦିନ ଧରି ପଞ୍ଚାୟତ ପକ୍ଷରୁ ସଫେଇ ହୋଇ ନ ଥିବା ଅଭିଯୋଗ ହୋଇଛି। ଏପରି କି ଡ୍ରେନ୍‌ରେ ବ୍ଲିଚିଂ ପାଉଡର ପକା ଯାଉ ନ ଥିବା ଗ୍ରାମବାସୀ କହିଛନ୍ତି। ତେବେ ଡେଙ୍ଗୁ ରୋଗ ଆକ୍ରାନ୍ତ ହେବା ଶୁଣି ଏବେ ଡ୍ରେନ୍ ସଫେଇ ସାଙ୍ଗକୁ ବ୍ଲିଚିଂ ପକାଯାଉଛି। ତେବେ ଡେଙ୍ଗୁ ରୋଗ ବ୍ୟାପିବା ଜାଣି ସୁଦ୍ଧା ଏ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇ ନ ଥିବା ଜଣାଯାଇଛି। ପରିବେଶ ଓ ପରିମଳ ପରିଷ୍କାର ଓ ନିର୍ମଳ ରଖି ଡେଙ୍ଗୁ ସମେତ ବିଭିନ୍ନ ସଂକ୍ରାମକ ରୋଗରୁ ସୁରକ୍ଷିତ ରହିବା ପାଇଁ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲ ପକ୍ଷରୁ ସେପରି କିଛି ପ୍ରଚାର ଓ ପ୍ରସାର ହେଉନାହିଁ ନା ପଦକ୍ଷେପ ନିଆଯାଉନାହିଁ। ଫଳରେ ଏ ଦିଗରେ ଜନସଚେତନତାର ଅଭାବ ରହିଛି। ଜନସାଧାରଣ ଏ ନେଇ ସଚେତନ ନ ହେବା, ପରିବେଶ ଓ ପରିମଳକୁ ସ୍ୱଚ୍ଛ ରଖିବାକୁ ତତ୍ପର ନ ହେଲେ ଡେଙ୍ଗୁ ରୋଗ ବ୍ୟାପିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ଆଲୋଚନା ଯୋର ଧରିଛି। ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ କରାଯିବା ସହ ଗାଁରେ ଯେଉଁମାନେ ଜ୍ୱରରେ ଆକ୍ରାନ୍ତ ଅଛନ୍ତି ସେମାନଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା କରିବାକୁ ଦାବି ହୋଇଛି।

# ୧୦୮ ମହିଳା ପାଠକଲେ ଲକ୍ଷ୍ମୀପୁରାଣ


ଲକ୍ଷ୍ମୀପୂଜା ମଣ୍ଡପ ପାଖରେ ୧୦୮ ମହିଳା ଲକ୍ଷ୍ମୀପୁରାଣ ପାଠ କରୁଛନ୍ତି।

ପାଟକୁରା ୧୩।୧୦ (ଡି.ଏନ.ଏ.)

### ବେଡାରୀ ଗାଁରେ ଗଜଲକ୍ଷ୍ମୀ ପୂଜା

ଗରଦପୁର ବ୍ଲକ ଅଧୀନବେଡାରୀ ଗାଁରେ କୁମାର ପୂର୍ଣ୍ଣମାଠାରୁ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଏଠାରେ ୬୮ ବର୍ଷ ହେବ ଧନଦାତ୍ରୀଙ୍କ ପୂଜା ହୋଇଆସୁଛି। ପୂଜା ମଣ୍ଡପ ରଙ୍ଗ ବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ରୁପା ମୁକୁଟ ଓ ଅଳଙ୍କାରରେ ସୁସଜ୍ଜିତ ହୋଇଛନ୍ତି। ଗୁରୁବାର ସକାଳୁ ୧୦୮ ମହିଳା ପୂଜା ମଣ୍ଡପ ନିକଟରେ ଘିଅ ଦୀପ ଲଗାଇ ଲକ୍ଷ୍ମୀ ପୂରାଣ ପାଇ କରିଥିଲେ। ପ୍ରତି ସନ୍ଧ୍ୟାରେ ଭଜନ, କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହାକୁ ଦେଖିବାକୁ ଲୋକଙ୍କ ଭିଡ ଜମୁଛି।

# ମା'ଙ୍କ ଆଭୂଷଣ ଚାନ୍ଦିରୁପା ଦେଖିବାକୁ ଲୋକଙ୍କ ଭିଡ଼

ଡେରାବିଶ୍, ୧୩।୧୦(ସ୍ୱ.ପ୍ର.)

### ଓଲଡ଼ି ମା' ଗଜଲକ୍ଷ୍ମୀଙ୍କ ପୂଜା ମଣ୍ଡପ

ଡେରାବିଶ୍ ବ୍ଲକ ଅଞ୍ଚଳ ରବିବାରଠାରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି। ଏହି ପୂଜା ବ୍ଲକ ଅଞ୍ଚଳରେ ଦୀର୍ଘ ୯ ଦିନ ଧରି ପାଳିତ ହେବାକୁ ଥିବା ବେଳେ ବିଭିନ୍ନ ଗ୍ରାମରେ ୭୦ରୁ ଊର୍ଦ୍ଧ୍ୱ ପୂଜାମଣ୍ଡପରେ ମା' ଗଜଲକ୍ଷ୍ମୀ ପୂଜା ପାଉଛନ୍ତି। ତେବେ ବ୍ଲକ ଅଧୀନ ଓଲଡ଼ି ଓ ଛତାଠାରେ ମା'ଙ୍କ ପୂଜା ବହୁ ପ୍ରାଚୀନ। ଛତାଠାରେ ୪ଟି ପୂଜାମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ଚାଲିଥିବା ବେଳେ ଓଲଡ଼ି ପୂଜାମଣ୍ଡପରେ ପୂଜା ପାଉଥିବା ମା'ଙ୍କୁ ଚାନ୍ଦିରୁପା ଅଳଙ୍କାରରେ ଭୂଷିତ କରାଯାଇ ଥିବାରୁ ଲୋକଙ୍କ ଭିଡ ବଢ଼ିବାରେ ଲାଗିଛି। ବୁଧବାର ସନ୍ଧ୍ୟାରେ ମୁଷଳ ଧାରାର ବର୍ଷା ହୋଇଥିଲେ ମଧ୍ୟ ବର୍ଷା ଛାଡ଼ିବା ପରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ଗୁରୁବାର ପଞ୍ଚମ ସନ୍ଧ୍ୟାରେ ଓଲଡ଼ି ଓ ଛତାଠାରେ ଥିବା ପୂଜାମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।


ଡେରାବିଶର ପୁରୁଣା ପୂଜା ମଣ୍ଡପରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ।

# ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ରକ୍ଷା ଦାବି



**ଯାଜପୁର ରୋଡ,୧୩।୧୦(ଡି.ଏନ.ଏ.):** ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ହୋଇଥିବା ବ୍ୟାପକ ଦୁର୍ନୀତି ଓ ପ୍ରିୟାପ୍ରିତି ଫଳରେ ତା'ର ସ୍ୱୟଂଶାସିତ ମାନ୍ୟତା ହରାଇବାକୁ ଯାଉଛି। ପାଞ୍ଚ ବର୍ଷ ଧରି ପୁରାତନ ଛାତ୍ର ପରିଷଦ ଗଠନ ଓ ପଞ୍ଜୀକୃତ ହୋଇଥିଲେ ମଧ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଅଣଦେଖା କରାଯାଇଥିଲା। ସେହି ସମୟରେ ବ୍ୟାପକ ଅର୍ଥ ହଡପ ଅଭିଯୋଗ ହୋଇଥିଲା। ସେହି ସମୟରୁ ଅନେକ ସମୟରେ ଅଡିଟ ହୋଇ ୭୮ଲକ୍ଷ ଟଙ୍କାର ପ୍ରମାଣ ହେବା ଓ ଚାରିବର୍ଷ ହେଲା ୟୁଜିସି ଠାରୁ ଆସିଥିବା ଅର୍ଥ ବିନିଯୋଗ ର ହିସାବ ନ ଦେବାଯୋଗୁ ଏହାର ମାନ୍ୟତା ହରାଇବାକୁ ଯାଉଛି। ଏହାକୁ ନେଇ ଗୁରୁବାର ପୁରାତନ ଛାତ୍ରପରିଷଦ(ଆଲମୁନି)ର ସଭାପତି ବିଦ୍ୟାଧର ମହାନ୍ତି, ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ମହାଲିକ, ଉପଦେଷ୍ଟା ଚନ୍ଦ୍ରମଣି ସାମଲ, ଉପସଭାପତି ପ୍ରଫୁଲ୍ଲ ନାୟକ, କାର୍ଯ୍ୟାଳୟ ସମ୍ପାଦକ ଜ୍ଞାନରଞ୍ଜନ ରାଉତ, କୋଷାଧକ୍ଷ ସନ୍ତୋଷ ମହାନ୍ତି ଦିଲୀପ ମହାନ୍ତି, ଦୀପକ ରାଉତ ଓ ଦିଲୀପ ପଟ୍ଟନାୟକ ପ୍ରମୁଖ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ଜରିଆରେ ୧ ୨ ଦଫା ଦାବି ପ୍ରଦାନ କରିଛନ୍ତି। ଯଦି ତୁରନ୍ତ ଏହାର ସମାଧାନ ନ ହୁଏ ଆସନ୍ତା ୨୧ରେ ମହାବିଦ୍ୟାଳୟରେ ଥିବା ବ୍ୟାସଦେବ ପ୍ରତିମୂର୍ତ୍ତି ସମ୍ମୁଖରେ ଆଲୁମିନି ପକ୍ଷରୁ ଗଣ ସତ୍ୟାଗ୍ରହ କରିବାକୁ ଚେତାବନୀ ଯାଇଛି।

# ନବ ନିର୍ମାଣ କୃଷକ ସଙ୍ଗଠନର ପଦଯାତ୍ରା ଆରମ୍ଭ

**ଧର୍ମଶାଳା/ ଚଣ୍ଡିଖୋଲ, ୧୩।୧୦ (ଡି.ଏନ.ଏ.)**

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ୧୯ଦଫା ଦାବି ନେଇ ଯାଜପୁର ଜିଲା ଧାନମଣ୍ଡଳ ରେଳ ଷ୍ଟେଶନଠାରୁ ରାଜଧାନୀ ଭୁବନେଶ୍ୱର ଅଭିମୁଖେ ସତ୍ୟାଗ୍ରହ ପଦଯାତ୍ରା ଆରମ୍ଭ ହୋଇଛି। ପ୍ରଶାସନର ବାରଣ ଓ ହଜାରହଜାର ଚାଷୀଙ୍କ ନାମରେ ୧୦୭ ଦଫାରେ ମକଦ୍ଦମା ପରେ ମଧ ସଙ୍ଗଠନ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ନେତୃତ୍ୱରେ ଚାଷୀମାନେ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସଙ୍ଗଠନର ମୁଖ୍ୟ ଦାବି ପ୍ରାଇସ, ପ୍ରେସ୍ଟିଜ ଓ ପେନସନ ସହିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ, ୨୩ଟି ଫସଲର ଏମ୍‌ଏସ୍‌ପି ନିର୍ଦ୍ଧାରଣ, କ୍ଷୀର ଲିଟର ପ୍ରତି ୬୦ଟଙ୍କା ଧାର୍ଯ୍ୟ, କାଳିଆ ଯୋଜନାରେ ସହାୟତା ରାଶି ବୃଦ୍ଧି, ଚାଷ ପାଇଁ ମୁକ୍ତ ବିଜୁଳି ସେବା ଯୋଗାଇ ଦେବା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ତୁରନ୍ତ ଇନପୁଟ ସବସିଡ ପ୍ରଦାନ, ଇନସୁରାନ୍ସ ଅର୍ଥ ପ୍ରଦାନ, ଚାଷୀ ପରିବାରର ଜଣକୁ ଭତ୍ତା ପ୍ରଦାନ ଓ ଚାଷ ଜମିରୁ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଆଦି ଦାବିନେଇ ଚାଷୀମାନେ ଆନ୍ଦୋଳନ ଆରମ୍ଭ କରିଛନ୍ତି। ୧୨ ବର୍ଷ ହେଲା ଚାଷୀ ନିଜ ଦାବି ନେଇ ଆନ୍ଦୋଳନ ଚଳାଇ ଆସିଛନ୍ତି। ୨୦୧୮ ଅକ୍ଟୋବର ୨୯ରୁ ନଭେମ୍ବର ୫ ପର୍ଯ୍ୟନ୍ତ ଏଭଳି ପଦଯାତ୍ରା ସତ୍ୟାଗ୍ରହ ସଙ୍ଗଠନ ପକ୍ଷରୁ କରାଯାଇଥିଲା। କିନ୍ତୁ ସରକାରଙ୍କ ତରଫରୁ ଅଦ୍ୟାବଧି ଦାବି ପୂରଣ କରା ନ ଯିବାରୁ ଦ୍ୱିତୀୟ ଥର ପାଇଁ ସତ୍ୟାଗ୍ରହ ପଦଯାତ୍ରା କରାଯାଇଛି ବୋଲି ସଙ୍ଗଠନ ପକ୍ଷରୁ କୁହାଯାଉଛି। କେବଳ ସେତିକି ନୁହେଁ ସମ୍ବିଧାନର ଧାରା ୨୧ ଅନୁସାରେ ଚାଷୀଙ୍କୁ ମାସିକ ୫ ହଜାର ଟଙ୍କା ଲେଖାଏ ସୁରକ୍ଷା ଭତ୍ତା ପ୍ରଦାନ କରା ନ ଗଲେ ଏହି ଆନ୍ଦୋଳନ ଜାରି ରହିବ ବୋଲି ଘୋଷଣା କରାଯାଇଛି।

ପୂର୍ବାହ୍ନରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଓ ଏସ୍‌ପି ରାହୁଲ ପିଆର ଧାନମଣ୍ଡଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ସତ୍ୟାଗ୍ରହରୁ ନିବୃତ ରହିବାକୁ ଅନୁରୋଧ କରିଥିଲେ। ମାତ୍ର ସଙ୍ଗଠନ ପକ୍ଷରୁ ଏହାକୁ ପ୍ରତ୍ୟାକ୍ଷାନ କରାଯାଇଥିଲା। ପଦଯାତ୍ରାର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତେଲେଙ୍ଗାନାର ଚାଷୀନେତା ୟୁଭି ନରସିଂହା ରେଡି ଓ ଏନ୍‌ରାଓ ଉପସ୍ଥିତ ଥିଲେ। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ ସହ ସଂଯୋଜକ ନିମାଇ ରାୟ, ଉମାକାନ୍ତ ଭାରତ, ମନସୁର ଅଲ୍ଲି ଓ ଅଶୋକ ଶାନ୍ତି ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି। ଅନ୍ୟପକ୍ଷରେ ଏହି ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ପ୍ରଶାସନ ପକ୍ଷରୁ ହଜାରହଜାର ଚାଷୀଙ୍କ ନାମରେ ୧୦୭ ଦଫାରେ ମକଦ୍ଦମା କରାଯାଇ ଥାନାରେ ହାଜର ହେବାକୁ ନୋଟିସ ହୋଇଥିଲା। ମାତ୍ର ଚାଷୀମାନେ ଏହାକୁ ଭୃକ୍ଷେପ କରି ନ ଥିଲେ। ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୫ ପ୍ଲାଟୁନ ଫୋର୍ସ ନିୟୋଜିତ କରାଯାଇଥିଲା। ଅପରାହ୍ନ ୩ଟାରେ ପଦଯାତ୍ରା ଧାନମଣ୍ଡଳ ରେଳଷ୍ଟେସନ ନିକଟରୁ ବାହାରି ୧୬ ନମ୍ବର ଜାତୀୟ ରାଜପଥ ଦେଇ ବଡ଼ଚଣାରେ ପହଞ୍ଚିଛି। ସେଠାରେ ଚାଷୀମାନେ ରାତ୍ରାରହଣି କରି ଶୁକ୍ରବାର ସକାଳୁ ଦ୍ୱିତୀୟ ଦିନର ପଦଯାତ୍ରା ଆରମ୍ଭ କରିବେ ବୋଲି ସୂଚନା ମିଳିଛି।



ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ପଦଯାତ୍ରା କରାଯାଉଛି।

# ବୋନସ ସମସ୍ୟାର ସମାଧାନ

**କାଳିଆପାଣି,୧୩।୧୦ (ଡି.ଏନ.ଏ.)**

ଇମ୍ଫା କମ୍ପାନୀ ବୋନସ ଓ ଗ୍ରାଚୁଇଟି ୪୮ ଘଣ୍ଟା ଭିତରେ ନ ଦେଲେ କମ୍ପାନୀ ଫାଟକ ସମ୍ମୁଖରେ ଧାରଣା ଦେବାକୁ ଶ୍ରମିକ ସଂଘ ପକ୍ଷରୁ ଲିଖିତ ଭାବେ ଅବଗତ କରାଯିବା ପରେ ଏହାର ସମାଧାନ ହୋଇଛି। ଗୁରୁବାର ଖଣି କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ଶ୍ରମିକ ସଂଘ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା କରାଯାଇ ଏହାର ସମାଧାନ କରାଯାଇଛି। କଳିଙ୍ଗନଗର ଅତିରିକ୍ତଙ୍କ କାର୍ଯ୍ୟାଳୟରେ ସମାଧାନ ପାଇଁ ବୈଠକ ସ୍ଥିର କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, କାଳିଆପାଣି ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ, କମ୍ପାନୀ ପକ୍ଷରୁ ବ୍ୟବସାୟିକ ମୁଖ୍ୟ ଏନ୍. ରାନାଡେ, ମାନବ ସମ୍ବଳ ଡିଜିଏମ୍ ଜଗଦା ନନ୍ଦ ନାୟକ, ଶ୍ରମିକ ସଂଘ ପକ୍ଷରୁ ନାରାୟଣ ଚନ୍ଦ୍ର ଧୀର, ଇମ୍ଫା ଶାଖା ପକ୍ଷରୁ ହଳଧର ମହାନ୍ତ ଉପସ୍ଥିତ ରହି ଦାବିଗୁଡିକ ଉପରେ ଆଲୋଚନା କରିଥିଲେ। କମ୍ପାନୀ ପକ୍ଷରୁ ବେସିକ ଉପରେ ୮,୩୩% ବୋନସ ଓ ଏକ ସନ୍ତୋଷ ମୂଳକ ଗିଫ୍ଟ ଦେବାକୁ କୁହାଯାଇଥିଲା। ଏସବୁ ୨୦ ତାରଖ ସୁଦ୍ଧା ପ୍ରଦାନ କରାଯିବ ବୋଲି କମ୍ପାନୀ ମାନବ ସମ୍ବଳ ଅଧିକାରୀ ନାୟକ ପ୍ରକାଶ କରିଛନ୍ତି। ଏହି ନିଷ୍ପତ୍ତି ପରେ ଶ୍ରମିକ ସଂଘ ପକ୍ଷରୁ ଦିଆଯାଇଥିବା ଆନ୍ଦୋଳନ ଚେତାବନୀ ପ୍ରତ୍ୟାହୃତ ହୋଇଥିବା ସଂଘ ସାଧାରଣ ସମ୍ପାଦକ ଧୀର କହିଛନ୍ତି।

# ୨ ବଖରା ଜଳିଗଲା

**ଜେନାପୁର,୧୩।୧୦ (ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ ଗୁରୁବାର ଭୋର୍ ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ସୁଦାମ ସାହୁଙ୍କ ୨ ବଖରା ଘର ଓ ଗୁହାଳ ଜଳି ପାଉଁଶ ହୋଇଯାଇଛି। ସୁଦାମଙ୍କ ପରିବାର ଲୋକେ ତାଙ୍କ ଭାଇ ନକୁଳ ସାହୁଙ୍କ ଘରେ ଶୋଇଥିଲେ। ତେବେ ପାଖରେ ଥିବା ମାଟିଘର ଜଳୁଥିବା ପଡ଼ୋଶୀ ଦେଖି ସୁଦାମଙ୍କ ପରିବାରକୁ ଡାକ ପକାଇଥିଲେ। ଖବର ପାଇ ଚଢ଼େଇଧରା ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ କରିଥିଲେ। ମାତ୍ର ସେତେବେଳକୁ ଘର ପୋଡ଼ି ପାଉଁଶ ହୋଇଯାଇଥିଲା। ସୁଦାମ ଓ ତାଙ୍କ ସ୍ତ୍ରୀ ଏହି ଅଗ୍ନିକାଣ୍ଡରେ ଆହତ ହୋଇଛନ୍ତି। ଗୁହାଳରେ ବନ୍ଧା ହୋଇଥିବା ୨ଟି ଗାଈ ଜଳି ଯାଇଛନ୍ତି। ଏଥିସହିତ ଘରେ ଥିବା ୨ଟି ଖଟ, ବାସନକୁସନ, ଗାସ୍ ସିଲିଣ୍ଡର ଆଦି ଆସବାବପତ୍ର ଜଳିଯାଇଛି। ସ୍ଥାନୀୟ ଆର୍‌ଆଇ ବୀରକିଶୋର ମହାରଣା ପହଞ୍ଚି ୫୦ ହଜାରରୁ ଅଧିକ ଟଙ୍କାର କ୍ଷୟକ୍ଷତି ହୋଇଥିବା ଆକଳନ କରିବା ସହ ଅଗ୍ନିବିପନ୍ନ ପରିବାରକୁ ପାଲ ପ୍ରଦାନ କରିଛନ୍ତି।

# ବିରିପଟା ପଞ୍ଚାୟତରେ ଭତ୍ତା ଦୁର୍ନୀତି

**ଝୁମ୍ପୁରି,୧୩।୧୦(ଡି.ଏନ୍.ଏ.)**

## ତଦନ୍ତ ଦାବି କଲେ ପଞ୍ଚାୟତବାସୀ

ଯାଜପୁର ଜିଲା ଦଶରଥପୁର ବ୍ଲକ୍ ଅଧୀନ ବିରିପଟା ପଞ୍ଚାୟତରେ ଭତ୍ତା ଯୋଜନାରେ ଦୁର୍ନୀତି ହୋଇଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଏହା ଜଣାପଡ଼ିଛି। ତେଣୁ ଏହାର ତଦନ୍ତ କରିବାକୁ ଦାବି ହୋଇଛି। ତଥ୍ୟ ଅନୁଯାୟୀ ଏହି ପଞ୍ଚାୟତ ଅନ୍ତର୍ଗତ ବଡ଼କୁଆଁଳ ଗ୍ରାମର ଭାଗିରଥି ଜେନାଙ୍କ ପୁଅ ସଞ୍ଜୟ ଜେନା ଜଣେ ଦୃଷ୍ଟିହୀନ। ତାଙ୍କର ଗୋଟିଏ ଆଖିକୁ ଦେଖାଯାଉନାହିଁ। ସେ ଦୁଃଖ କଷ୍ଟ କରି ନିଜ ପରିବାର ଚଳାଉଥିବାବେଳେ ୩ ବର୍ଷଧରି ଭତ୍ତା ନିମନ୍ତେ ସରପଞ୍ଚଙ୍କଠାରୁ ଆରମ୍ଭ କରି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପାଖକୁ ଦୌଡୁଥିଲେ। ପ୍ରତିବର୍ଷ ଏହି ଭତ୍ତା ନିମନ୍ତେ ଆବେଦନ କରୁଥିଲେ। ହେଲେ ତାଙ୍କୁ କେବଳ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳୁଥିଲା। କିନ୍ତୁ ଭତ୍ତା ମିଳୁ ନ ଥିଲା। ମାତ୍ର ସୂଚନା ଅଧିକାର ତଥ୍ୟରେ ତାଙ୍କ ନାମରେ ଗତ ୧ ବର୍ଷ ପୂର୍ବରୁ ଭତ୍ତା ମଞ୍ଜୁର ହୋଇଥିବାବେଳେ ଉକ୍ତ ଭତ୍ତା ଉଠାଯାଇଥିବା ଜଣାପଡ଼ିଛି। ତେଣୁ ସଞ୍ଜୟଙ୍କୁ ଭତ୍ତା ଦିଆଯାଇ ନ ଥିବାବେଳେ ଏହି ଭତ୍ତା ଅର୍ଥ କିଏ ଉଠାଇଛି ଏବଂ କିଭଳି ଉଠାଯାଇଛି ତାହା ତଦନ୍ତ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ସେହିପରି ଏହି ପଞ୍ଚାୟତ ବରେଇ ଗ୍ରାମର ମହେନ୍ଦ୍ର ବାହଲଙ୍କ ୨୦୨୧ରୁ ମୃତ୍ୟୁ ହୋଇଥିବାବେଳେ ୨୦୨୨ ମାର୍ଚ୍ଚ ପର୍ଯ୍ୟନ୍ତ ତାଙ୍କ ନାମରେ ଭତ୍ତା ଅର୍ଥ ଉଠାଯାଇଥିବା ଜଣାପଡ଼ିଛି। ଉଠାଯାଇଥିବା ଅର୍ଥକୁ ମୃତ ବ୍ୟକ୍ତିଙ୍କ ପରିବାର ନେଇ ନ ଥିବା ନେଇ ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ଏହିପରିଭାବେ ପଞ୍ଚାୟତରେ ପ୍ରାୟ ଶତାଧିକ ଭତ୍ତା ବେନିୟମଭାବେ ଅତି ଚଞ୍ଚକତା କରି ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ତେଣୁ ଏହାର ତଦନ୍ତ କରି ସମ୍ପୃକ୍ତ ଅଧିକାରୀ ଓ ଜନପ୍ରତିନିଧିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଞ୍ଚାୟତବାସୀଙ୍କ ପକ୍ଷରୁ ଜିଲାପାଳ ଓ ବିଡିଓଙ୍କ ନିକଟରେ ଦାବି ହୋଇଛି।

# ଯାଜପୁରରେ ଖୋଲିବ ଭୂବନ୍ଦୋବସ୍ତ କମିଶନ ଅଫିସ୍

**ଯାଜପୁର ଟାଉନ,୧୩।୧୦ (ଡି.ଏନ.ଏ.)**

ବହୁ ପ୍ରତୀକ୍ଷାର ଅନ୍ତେପରେ ଭୂ-ବନ୍ଦୋବସ୍ତ କମିଶନ୍ ଅଫିସ୍ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଖୋଲିବ। ଏହି ଅଫିସ୍ ୪/୫ ବର୍ଷ ପୂର୍ବରୁ ଯାଜପୁରରେ ଖୋଲିବା ପାଇଁ ସରକାରଙ୍କ ତରଫରୁ ନୋଟିଫିକେସନ୍ ହୋଇଥିଲା। ତେବେ ବହୁ ବିଳମ୍ବରେ ସରକାର ନିଷ୍ପତ୍ତି ଗ୍ରହଣ କରି ଏହି ଅଫିସ୍ ଖୋଲିବାକୁ ସ୍ଥିର କରିବା ସହ ଅତିରିକ୍ତ କମିଶନର ଭାବେ ନିହାର ରଞ୍ଜନ ଦାସଙ୍କୁ ନିଯୁକ୍ତି ଦେଇଛନ୍ତି। ଦାସ ପୂର୍ବରୁ ଯାଜପୁର କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଭାବେ କାର୍ଯ୍ୟ କରିଛନ୍ତି। ଏହି ଅଫିସ୍ ଖୋଲିବା ପରେ ଯାଜପୁର ଜିଲା ଜନସାଧାରଣଙ୍କୁ ଆଉ କଟକ ଯିବାକୁ ପଡ଼ିବନି। ସେମାନେ ଯାଜପୁରରେ ସେମାନଙ୍କ ଜମିବାଡି ସଂକ୍ରାନ୍ତୀୟ କାର୍ଯ୍ୟ କରିପାରିବେ। ରଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଯାଜପୁର ଜିଲା ଉପଭୋକ୍ତା ସମିତି ସଭାପତି ଦିଗାମ୍ବର କର ଓ ସମ୍ପାଦକ କୈଳାଶ ଚନ୍ଦ୍ର ନାୟକ ସ୍ୱାଗତ କରିବା ସହ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।




# ମେଧାବୀ ଡାକ୍ତର ଛାତ୍ରଙ୍କୁ ସମ୍ବର୍ଦ୍ଧନା


ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଯାଜପୁର ରୋଡ,୧୩।୧୦(ଡି.ଏନ.ଏ.)**

ଯାଜପୁର ରୋଡ ଚୋରଦାସ୍ଥିତ ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ଗୁରୁବାର ଚିରଞ୍ଜିତ ଜେନାଙ୍କୁ ତାଙ୍କର ସଫଳତା ପାଇଁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସୂଚନାଯୋଗ୍ୟ, କପିଳେଶ୍ୱର କଲୋନୀ ନିବାସୀ ଜୟନ୍ତ କୁମାର ଜେନା ଓ ସନ୍ଧ୍ୟାରାଣୀ ଜେନାଙ୍କ ପୁଅ ଚିରଞ୍ଜିତ ବାଲେଶ୍ୱରରେ ମେଡିକାଲ ପଢ଼ିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସମ୍ପାଦକ ଚନ୍ଦ୍ରମଣି ସାମଲଙ୍କ ଆବାହକତ୍ୱ ଏବଂ ଯୋଗଗୁରୁ ବଟକୃଷ୍ଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ କଲେଜ ଅଧକ୍ଷ ରବିନାରାୟଣ ପଣ୍ଡା, ଆଡ଼ଭୋକେଟ ବିବେକାନନ୍ଦ ମହାନ୍ତି, ମଞ୍ଚ ବରିଷ୍ଠ ସଭ୍ୟ ଲମ୍ବୋଦର ମଲ୍ଲିକ, କମଳଲୋଚନ ସାହୁ, ମହେଶ୍ୱର ପ୍ରଧାନ, କୈଳାସ ଚନ୍ଦ୍ର ବେହେରା, ସନାତନ ମଲ୍ଲିକ, ଅଞ୍ଜଳି ସାହୁ, ବିନୋଦିନୀ ବଳ, ଆନନ୍ଦ ଚନ୍ଦ୍ର ସାହୁ, ଯୋଗ ଗୁରୁ ବିଭୀଷଣ ନାୟକ, ରାଜେନ୍ଦ୍ର ପାଣିଗ୍ରାହୀ, ଭାଗ୍ୟଧର କର ପ୍ରମୁଖ ଯୋଗ ଦେଇ ଚିରଞ୍ଜିତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଜଣେ ସଫଳ ଡ଼ାକ୍ତର ହୋଇ ଦୁଃଖିରଙ୍କଙ୍କ ସେବା କରିବାକୁ ଆଶାବ୍ୟକ୍ତ କରିଥିଲେ। ଶଙ୍କର୍ଷଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତା ଉନ୍ନତୀକରଣର ଶିଳାନ୍ୟାସ

**ଚଣ୍ଡିଖୋଲ,୧୩।୧୦(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ବନ୍ଦରେଶ୍ୱରଠାରୁ ଡିଗିରିଆ ଭାୟା ବାଲିପଡ଼ିଆ ୮କି.ମି. ରାସ୍ତାର ଉନ୍ନତୀକରଣ ନିମନ୍ତେ ଶିଳାନ୍ୟାସ କରାଯାଇଛି। ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାସ୍ତାଟି ୪ଲକ୍ଷ ୮୦ ହଜାର ଟଙ୍କା ବ୍ୟୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଆନୁକୂଲ୍ୟରେ ନିର୍ମାଣ କରାଯିବ। ଫଳରେ ରାସ୍ତା ଉପରେ ନିର୍ଭର କରୁଥିବା ୪ଟି ପଞ୍ଚାୟତର ଜନସାଧାରଣ ଉପକୃତ ହେବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ଶାରଦା ପ୍ରସନ୍ନ ମହାନ୍ତି, ମିହିର କୁମାର ସ୍ୱାଇଁ, ଅମର ମହାନ୍ତି, ସରପଞ୍ଚ କିଶୋର ବେହୁରା, ପୂର୍ବତନ ସରପଞ୍ଚ ଅନିରୁଦ୍ଧ ସାମଲ, ସମିତିସଭ୍ୟ ମନୋରମା ଭଞ୍ଜ, ପଞ୍ଚାନନ ଧଳ, ଶ୍ରୀକାନ୍ତ ସାମଲ, ଅନନ୍ତ ସିଂହ, ନିରଞ୍ଜନ ସେନାପତି ଓ ସୌଭାଗ୍ୟ ଲକ୍ଷ୍ମୀ ବଳ ପ୍ରମୁଖ ଯୋଗ ଦେଇଥିଲେ।

# ଜିଲାପାଳଙ୍କୁ ସାହାରା ଇଣ୍ଡିଆ ଏଜେଣ୍ଟଙ୍କ ଦାବିପତ୍ର

**ଯାଜପୁର ଟାଉନ,୧୩।୧୦ (ଡି.ଏନ.ଏ.)**

କେନ୍ଦ୍ର ସରକାର ସାହାରା ଇଣ୍ଡିଆର ସମସ୍ତ ଅର୍ଥ ଲଗାଣ ସଂସ୍ଥା ଉପରେ ରୋକ୍ ଲଗାଇବା ପରେ ଏଜେଣ୍ଟମାନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଫଳରେ ଜମାକାରୀଙ୍କ ଲଗାଯାଇଥିବା ଟଙ୍କାର ମ୍ୟାଚୁରିଟି ପରେ ମଧ ସେମାନେ ଟଙ୍କା ଫେରସ୍ତ ପାଉନାହାନ୍ତି। ଲକ୍ଷଲକ୍ଷ ଜମାକାରୀଙ୍କ ଭାଗ୍ୟ ବର୍ତ୍ତମାନ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଜମାକାରୀମାନେ ସାହାରା ଏଜେଣ୍ଟଙ୍କୁ ଟଙ୍କା ଫେରାଇବାକୁ ବାଧ କରିବା ସଙ୍ଗେ ସଙ୍ଗେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ଏପରି କି ସାହାରା କଲେକ୍ସନ ଏଜେଣ୍ଟ ଘରୁ ବାହାରିବା କଷ୍ଟକର ହୋଇପଡିଛି। ତେଣୁ ଏହାର ତୁରନ୍ତ ସମାଧାନ କରିବାକୁ ଯାଜପୁର ଜିଲାରେ କାର୍ଯ୍ୟରତ ସମସ୍ତ ଏଜେଣ୍ଟ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ସେମାନେ ଯାଜପୁର ଟାଉନସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ଦେବା ସହ କିପରି ଲୋକେ ଜମା କରିଥିବା ଅର୍ଥ ଫେରିପାଇବେ ଏବଂ ସାହାରା କର୍ମଚାରୀ ସେମାନଙ୍କ ନ୍ୟାଯ୍ୟ ଦାବି ପାଇବେ ସେ ଦିଗରେ ବିଚାର କରିବାକୁ ନିବେଦନ କରିଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏକତ୍ରିତ ହୋଇଥିବା ସାହାରା ଇଣ୍ଡିଆ ଏଜେଣ୍ଟମାନେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୪ ଅକ୍ଟୋବର, ୨୦୨୨

## ପୋଚ, ୪୦ଲିଟର ମଦ ନଷ୍ଟ

ପାରଳାଖେମୁଣ୍ଡି,(ଡି.ଏନ.ଏ.): ଗଜପତି ଜିଲା ଅବକାରୀ ଅଧୀକ୍ଷକ ପ୍ରଭାତ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାରଳାଖେମୁଣ୍ଡି ସଦର ଅବକାରୀ ବିଭାଗ ଏବଂ ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ତରଫରୁ ଗୁରାଣ୍ଡି ଥାନା ଅନ୍ତର୍ଗତ ୩ଟି ସ୍ଥାନରେ ଚଢାଉ କରାଯାଇଥିଲା । ଖରଷଣ୍ଡା, ଆର୍ଲି ଓ ବିତିସିଂରେ ଚଢାଉ ବେଳେ ମୋଟ ୪୦ ଲିଟର ଚୋରା ଦେଶୀମଦ ଜବତ କରାଯାଇଥିବା ବେଳେ ୧୦୨୦ଲିଟର ପୋଚ ନଷ୍ଟ କରାଯାଇଛି। ଏଥିସହ ବିଭିନ୍ନ ମଦ ରନ୍ଧା ସାମଗ୍ରୀ ମଧ୍ୟ ଜବତ ହୋଇଛି।



### ସଂକ୍ଷେପରେ

## କାଟି ଥିଲେ, ନେଇ ପାରିଲେନି

### ମହିପୁର ରେଞ୍ଜରୁ ଶାଳ ଗଛ ଲୁଟ ପ୍ରସଙ୍ଗ

ନୟାଗଡ଼ ଅଫିସ/ନୂଆଗାଁ,୧୩।୧୦(ଡି.ଏନ୍.ଏ.):ନୟାଗଡ଼ ବନଖଣ୍ଡ ମହିପୁର ରେଞ୍ଜର ବାଡିବାରି ରାସ୍ତାରୁ ୬ ଫୁଟ ଗୋଲେଇର ୯ଟି ଶାଳ ଲଗ୍ ଗୁରୁବାର ଜବତ ହୋଇଛି । ମହିପୁର ରେଞ୍ଜର ଅମ୍ରିତ କୁମାର ସାହୁ ଓ ଖାଲମଡା ବିଟ ହାଉସ ଗାର୍ଡ ଅର୍ଦ୍ଧେନ୍ଦୁ ପରିଡା ଶାଳ ଗଛ ଲୁଟ୍ ଘଟଣାର ତଦନ୍ତ କରିବାକୁ ଯାଇ ଶାଳ ଲଗ୍ ଜବତ କରିଛନ୍ତି । କାଠଚୋରମାନେ ଶାଳ ଗଛ କାଟି ରଖିଥିଲେ । ହେଲେ ନେଇ ପାରି ନ ଥିଲେ ବୋଲି ଜଣାପଡିଛି । ପ୍ରକାଶଯେ ମହିପୁର, ମହିତମା ଓ ଗୁମି ଫରେଷ୍ଟ ସେକ୍ସନରେ ଥିବା ଶାଳ ଜଙ୍ଗଲ ପଦା ହୋଇ ଚାଲିଛି । ଗତ ୧ମାସ ମଧ୍ୟରେ ୩ ଜଙ୍ଗଲରୁ ୩୫ ଶାଳ ଗଛ ଲୁଟ ହେବା ପରେ ବନବିଭାଗର କାର୍ଯ୍ୟଦକ୍ଷତାକୁ ପଦାରେ ପକାଇଥିଲା । ଏନେଇ ଗୁରୁବାର ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପରେ ଯାଞ୍ଚ ପାଇଁ ବନବିଭାଗ ଘଟଣାସ୍ଥଳକୁ ଯାଇ ଶାଳ ଗଛ କାଟିବା ଘଟଣା ସତ ବୋଲି ଜାଣିଥିଲା । ଅନ୍ଧାରରେ ଦଶପଲ୍ଲାର ୮ ଗାଁ

## ଗାଁ ଲୋକ ଗଛ କାଟିଲେ, ତାର ସଂଯୋଗ କଲାନି ବିଦ୍ୟୁତ୍ ବିଭାଗ

ନୟାଗଡ଼ ଅଫିସ,୧୩।୧୦:ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ନଛିପୁର ପଞ୍ଚାୟତର ଗମ୍ଭାରୀଖୋଲ, ତାଳସହି, ଆଲପଙ୍ଗା, ଜୟପୁର, ଜାମୁସାହି, ରାଇସର, କଣ୍ଟେଇକୋଲି, ଲେମ୍ବୁଗୋଛା ପ୍ରମୁଖ ୮ ଆଦିବାସୀ ଗାଁ ଅନ୍ଧାରରେ ରହିଛି । ଗୁରୁବାର ପୂର୍ବାହ୍ନରେ ବିଦ୍ୟୁତ୍ ତାର ଉପରେ ଗଛ ଡାଳ ପଡି ତାର ଛିଣ୍ଡିଗଲା । ଗାଁଲୋକ ବିଦ୍ୟୁତ୍ ବିଭାଗକୁ ଜଣାଇ ଲାଇନ କାଟି ଗଛ ସଫା କଲେ । ହେଲେ ବିଦ୍ୟୁତ୍ ବିଭାଗ ଆସି ତାରକୁ ଯୋଡ଼ିଲା ନାହିଁ । ଆଦିବାସୀ ଲୋକମାନେ ବିଦ୍ୟୁତ୍ ପାଇଁ ବାରମ୍ବାର ଦଶପଲ୍ଲା ଓ ଭୁବନେଶ୍ୱର ଫୋନ କଲେ । ହେଲେ ବିଦ୍ୟୁତ୍ ବିଭାଗ ଆଦିବାସୀଙ୍କ ଅଭିଯୋଗକୁ ଅଣଦେଖା କରି ଚୁପ୍ ରହିଥିଲା ବୋଲି ଅଭିଯୋଗ ହୋଇଛି । ଏନେଇ ଆଦିବାସୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ବ୍ଲକ ଯୋଗାଣ ଅଧିକାରୀଙ୍କ ଛୁଟି ନେବା ସନ୍ଦେହ ଘେରରେ

ନୟାଗଡ଼ ଅଫିସ,୧୩।୧୦:ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ)ର ଦୁଇ ଅଧିକାରୀ କଟକର ହେମନ୍ତ ବେହେରା ଓ ଭୁବନେଶ୍ୱରର ସିକନ୍ଦର କୁମାର ନୟାଗଡ଼ ଜିଲା ଗସ୍ତରେ ଆସି ମଣ୍ଡିରୁ ଧାନ କିଣିଥିବା ମିଲରଙ୍କ ଷ୍ଟକ ଯାଞ୍ଚ କରୁଥିଲେ । ୧୧ ଓ ୧୨ ତାରିଖ ଦଶପଲ୍ଲାରେ ଯାଞ୍ଚ ହେବାର ଥିଲା । ତେବେ ଯାଞ୍ଚ ସମୟରେ ବ୍ଲକ ଯୋଗାଣ ଅଧିକାରୀ ୧୧ ଓ ୧୨ ତାରିଖ ଛୁଟିରେ ରହିଥିଲେ । ତଦନ୍ତ ସମୟରେ ବ୍ଲକ ଯୋଗାଣ ଅଧିକାରୀଙ୍କ ଛୁଟି ନେବାକୁ ନେଇ ନାନା ପ୍ରଶ୍ନ ଉଠିଛି ।
ବ୍ଲକ ଯେଗାଣ ଅଧିକାରୀ ଛୁଟିରେ ଥିବାବେଳେ ଏଫ୍‌ସିଆଇର ଦୁଇ ଅଧିକାରୀ ୨୦ ମିନିଟରେ ଦଶପଲ୍ଲା ପଙ୍କାଳସାହିସ୍ଥ ଜୟମହାବୀର ଫୁଡ ପ୍ରୋସେସିଂ ୟୁନିଟରେ ପହଞ୍ଚି ୨୩ ହଜାର କୁଇଣ୍ଟାଲ ଧାନ ଷ୍ଟକ ଯାଞ୍ଚ କରିବା ଘଟଣା ସେମାନଙ୍କୁ ସନ୍ଦେହ ଘେରକୁ ଟାଣି ଆଣିଥିଲା ।

# ୧୧ ବିଧାୟକ ଅନୁପସ୍ଥିତ, ଯୋଗଦେଲେ ପ୍ରଦୀପ

### ଖାଉଟି ସୁରକ୍ଷା ପରିଷଦ ବୈଠକ

ଛତ୍ରପୁର,୧୩।୧୦(ଡି.ଏନ୍.ଏ.)

ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଗୁରୁବାର ଜିଲା ଖାଉଟି ସୁରକ୍ଷା ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ନୂତନ କରି ଗଠନ ହୋଇଥିବା ଉକ୍ତ ପରିଷଦର ବୈଠକରେ ଗୋପାଳପୁର ବିଧାୟକ ଓ ଖଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଏଥିରେ ଯୋଗ ଦେଇଥିଲେ। ଅପରପକ୍ଷରେ ଜିଲାର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ୧୧ଜଣ ବିଧାୟକ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ୩ ବର୍ଷ ପରେ ସରକାରୀ କାର୍ଯ୍ୟକ୍ରମରେ ବିଧାୟକ ପାଣିଗ୍ରାହୀ ଯୋଗ ଦେଇଛନ୍ତି। ପୂର୍ବରୁ କୌଣସି ସରକାରୀ କାର୍ଯ୍ୟକ୍ରମକୁ ତାଙ୍କୁ ଡକାଯାଉ ନ ଥିଲା। ପ୍ରଥମ କରି ଜିଲା ପ୍ରଶାସନ ସରକାରୀ ବୈଠକକୁ ଡାକିଥିବାରୁ ଖୁସି ଲାଗୁଛି ବୋଲି ବିଧାୟକ ପାଣିଗ୍ରାହୀ କହନ୍ତି। ଆଗାମୀ ଦିନରେ ମଧ୍ୟ ସରକାରୀ ବୈଠକ ଓ କାର୍ଯ୍ୟକ୍ରମକୁ ଜିଲା ପ୍ରଶାସନ ଡାକିବ ବୋଲି ସେ ଆଶା କରୁଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ବୈଠକ ପରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସହ ଗୋପାଳପୁର ବିଧାୟକ କିଛି ସମୟ ଆଲୋଚନା କରିଥିଲେ। ଗୋପାଳପୁର ନିର୍ବାଚନମଣ୍ଡଳୀ ଓ ଜିଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ଜିଲାପାଳଙ୍କ ସହ ଆଲୋଚନା ହୋଇଥିଲା ବୋଲି ଖବରଦାତାମାନଙ୍କୁ ପ୍ରଦୀପ କହିଛନ୍ତି।

୨୦୧୯ ନୂତନ ଆଇନ୍ ଆଧାରରେ ଖାଉଟି ମାନଙ୍କ କିଭଳି ସୁରକ୍ଷା ହୋଇପାରିବ ତାହା ଉପରେ ଖାଉଟି ସୁରକ୍ଷା ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ଜିଲାପାଳ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଓ ସବଡିଭିଜନସ୍ତରରେ ଏହି ବୈଠକ କିଭଳି ହେବ ଏବଂ ଲୋକେ ସଚେତନ ହେବେ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଖାଉଟି କୋର୍ଟରେ ଫଇସଲା ନ ହୋଇ ପଡି ରହିଥିବା ମାମଲାଗୁଡିକର କ୍ୟାମ୍ପ କୋର୍ଟ କରି ଫଇସଲା କରିବାକୁ ନିଷ୍ପତି ହୋଇଥିଲା। ଏଥିସହ ଖାଉଟି ସୁରକ୍ଷା ନେଇ ସମସ୍ତ ବ୍ୟବସ୍ଥା ଅନଲାଇନ୍ ହେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ଲୀନା କୁମାର ଖେସ୍, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ କିଛି ମାସ ହେଲା ଅନୁଷ୍ଠିତ ଜିଲାସ୍ତରୀୟ ବୈଠକରେ ଅଧିକାଂଶ ବିଧାୟିକା ବିଧାୟକ ଯୋଗଦେଉନଥିବା ଏବେ ଚର୍ଚ୍ଚାର ବିଷୟ ହୋଇଛି।


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

# ପ୍ରକାଶ ପାଇଲା ବୈଧ ପ୍ରାର୍ଥୀ ତାଲିକା

### ସମବାୟ କେନ୍ଦ୍ର ବ୍ୟାଙ୍କ ନିର୍ବାଚନ

ଆସିକା,୧୩।୧୦(ଡି.ଏନ.ଏ.)

ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କର ପରିଚାଳନା ପରିଷଦ ନିର୍ବାଚନ ଲାଗି ପ୍ରାର୍ଥୀଙ୍କ ସମ୍ପର୍କରେ ଆପତ୍ତି ଅଭିଯୋଗ ଓ ଏହାର ଶୁଣାଣି ପରେ ବୈଧ ପ୍ରାର୍ଥୀ ତାଲିକା ଗୁରୁବାର ପ୍ରକାଶ ପାଇଛି । ଏହି ତାଲିକାରେ ବ୍ୟାଙ୍କର ୧୪ଟି ଜୋନ ଲାଗି ୩୪ ପ୍ରାର୍ଥୀ ରହିଥିବା ନିର୍ବାଚନ ଅଧିକାରୀ ତଥା ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ ସୂଚନା ଦେଇଛନ୍ତି । ପୂର୍ବରୁ ୬ଟି ଜୋନରେ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ରହିଥିଲା ବେଳେ ବୁଧବାର ପୂର୍ବତନ ସଭାପତି ତଥା ୧୧ ନମ୍ବର ଜୋନର ପ୍ରାର୍ଥୀ ବୀରେନ୍ଦ୍ର କେଶରୀ ଆରୁଖଙ୍କ ନାମାଙ୍କନ ଖାରଜ ହେବା ପରେ ଅପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କ ସଂଖ୍ୟା ୫ରେ ପହଞ୍ଚିଛି । ୩, ୭, ୧୦, ୧୩ ଓ ୧୪ ନମ୍ବର ଜୋନରେ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଅଛନ୍ତି । ସେହିଭଳି ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କ ମଧ୍ୟରେ ୧୫ ନମ୍ବର ଜୋନରେ ସର୍ବାଧିକ ୬ଜଣ ରହିଥିଲା ବେଳେ ୧ ଓ ୪ ନମ୍ବର ଜୋନରେ ୪ଜଣ ଲେଖାଏ, ୨, ୫, ୯ରେ ୩ଜଣ ଲେଖାଏ ଏବଂ ୬, ୮ ଓ ୧୨ ନମ୍ବର ଜୋନରେ ୨ଜଣ ଲେଖାଏ ପ୍ରାର୍ଥୀ ରହଛନ୍ତି। ନାମାଙ୍କନ ପତ୍ର ଦାଖଲ ସମୟରେ ୧୫ଟି ଜୋନରୁ ସମୁଦାୟ ୪୩ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହର ପରେ ଚୂଡାନ୍ତ ପ୍ରାର୍ଥି ତାଲିକା ପ୍ରକାଶ ପାଇବ ଏବଂ ଆବଶ୍ୟକସ୍ଥଳେ ୩୦ ତାରିଖରେ ନିର୍ବାଚନ ହେବା ଲାଗି ଦିନ ଧାର୍ଯ୍ୟ କରାଯାଇଛି ।

# ଛତ୍ରପୁର, ଖଲ୍ଲିକୋଟ ପ୍ରାର୍ଥୀ ବଦଳାଇଲା ବିଜେଡି

### ସମବାୟ ନିର୍ଦ୍ଦେଶକ ନିର୍ବାଚନ

ଛତ୍ରପୁର,୧୩।୧୦(ଡି.ଏନ.ଏ)

ଗଞ୍ଜାମ ଜିଲାରେ ସମବାୟ ନିର୍ଦ୍ଦେଶକ ନିର୍ବାଚନ ନେଇ ରାଜନୀତି ସରଗରମ ହୋଇଛି। ଶେଷ ସମୟରେ ବିଜେଡି ପକ୍ଷରୁ ଛତ୍ରପୁର ଓ ଖଲ୍ଲିକୋଟ ନିର୍ବାଚନମଣ୍ଡଳୀର ୨ ଟି ଜୋନ୍‌ର ଦଳୀୟ ପ୍ରାର୍ଥୀଙ୍କୁ ବଦଳାଯାଇଛି। ବ୍ରହ୍ମପୁର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧୀନରେ ଛତ୍ରପୁର ଓ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀର ଉକ୍ତ ୨ ଜୋନ୍ ରହିଛି। ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ ଉକ୍ତ ୨ ଦଳୀୟ ପ୍ରାର୍ଥୀ ଅନ୍ୟ ନିର୍ବାଚନମଣ୍ଡଳୀର ହୋଇଥିବାରୁ ଖଲ୍ଲିକୋଟ ଓ ଛତ୍ରପୁର ନିର୍ବାଚନମଣ୍ଡଳୀର ଆଶାୟୀ ଦଳୀୟ ପ୍ରାର୍ଥୀଙ୍କୁ ନିରାଶ କରିଛି। ଏ ନେଇ ଅସନ୍ତୋଷ ଦେଖାଯିବା ସହ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷରେ ଜୋନ୍ ନଂ ୨, ୭, ୮,୯ ଓ ୧୨ ରେ ବିଜେଡିର ଦଳୀୟ ପ୍ରାର୍ଥୀ ସମବାୟ ନିର୍ଦ୍ଦେଶକ ଭାବେ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି।




# ଜନସମ୍ପର୍କ ପଦଯାତ୍ରା


ପଥପ୍ରାନ୍ତ ସଭାରେ ମଞ୍ଚାସୀନ ଅତିଥି।

ଆସିକା,୧୩।୧୦(ଡି.ଏନ.ଏ.)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଗୁରୁବାର ଆସିକା ବ୍ଲକ ନିମିନା ଓ କେନ୍ଦୁପଦର ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବରିଷ୍ଠ ଯୁବନେତା ଶିବ ନାହାକ, ଭଗବାନ ସାହୁ, ଦିଲୀପ ପାଣିଗ୍ରାହୀ, କଳ୍ପନା ଭୋଳ, ଜିଲା ପରିଷଦ ସଦସ୍ୟ ତନ୍ମୟୀ ନାହାକ, ମନୋଜ ଦୋରା, ସରପଞ୍ଚ ବିଦ୍ୟାନ୍ତ ଚର୍ଚ୍ଚି, ଶଶାଙ୍କ ଚର୍ଚ୍ଚି, ରାଜେଶ ପଟ୍ଟନାୟକ, ଅଭିମନ୍ୟୁ ନାହାକଙ୍କ ସମେତ ବହୁ ନିର୍ବାଚିତ ପ୍ରତିନିଧି ଓ ଦଳିୟ କର୍ମୀ ଏଥିରେ ସାମିଲ ହୋଇଥିଲେ। କର୍ମୀମାନେ ୨ ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ଲୋକଙ୍କୁ ବିଜେଡି ସରକାରର ବିଭିନ୍ନ ଜନାଭିମୁଖୀ କାର୍ଯ୍ୟକ୍ରମରେ ସମ୍ପର୍କରେ ଜଣାଇଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ରାଜ୍ୟର ବିକାଶର ଧାରାକୁ ଅଧିକ ଗତିଶୀଳ କରିବା ଲାଗି ନବୀନ ବାବୁଙ୍କ ହାତମୁଠାକୁ ଟାଣ କରିବା ନିମନ୍ତେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା।

# ଅହମଦାବାଦ ଗଲେ ୪୦ ଯୁବତୀ ଯୁବକ

ଫୁଲବାଣୀ ଅଫିସ, ୧୩।୧୦

କନ୍ଧମାଳ ଜିଲା ନେହେରୁ ଯୁବ କେନ୍ଦ୍ର(ଏନ୍‌ୱାଇକେ) ପକ୍ଷରୁ ଆଦିବାସୀ ଆଦାନ ପ୍ରଦାନ କାର୍ଯ୍ୟକ୍ରମର ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ତୁମୁଡିବନ୍ଧ ବ୍ଲକର ମୁଣ୍ଡିଗୁଡା ଗ୍ରାମର ୪୦ ଜଣ ଯୁବତୀ ଯୁବକ ଆଦିବାସୀ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ପାଇଁ ଗୁଜରାଟର ଅହମଦାବାଦ ଅଭିମୁଖେ ଯାତ୍ରା କରିଛନ୍ତି। ବାଲିଗୁଡା ସିଆରପିଏଫର ଏକ୍ସକର୍ଟ ଭାବେ ପ୍ରେମାନନ୍ଦ ଭୋଇ, ପ୍ରହ୍ଲାଦ ରାଇ, ସ୍ୱର୍ଣ୍ଣଲତା ମହାପାତ୍ର, ନିଦାନ ନାରାୟଣ ନମ ଏବଂ ନେହରୁ ଯୁବ କେନ୍ଦ୍ର ଫୁଲବାଣୀର କୁନ୍ଦନ କୁମାର ନାୟକ ସାମିଲ ଅଛନ୍ତି। ଏନ୍‌ୱାଇକେ ଜିଲ୍ଲା ଯୁବ ଅଧିକାରୀ ନଭନୀତ କୁମାର, ସହକର୍ମୀ ତାପସ କୁମାର ସାହୁ, ସତ୍ୟବାନ ଦଳବେହେରା ପ୍ରମୁଖ ଉପସ୍ଥିତ ରହି ସେମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ନଭନୀତ କୁମାର ଯାତ୍ରାରେ ଯାଉଥିବା ଗାଡିର ଶୁଭାରମ୍ଭ କରିଥିଲେ ।

# କଂଗ୍ରେସର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୩।୧୦

ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ପଲାଭୃଡି ପଞ୍ଚାୟତ ଖେଳ ପଡ଼ିଆରେ ଜିଲା କଂଗ୍ରେସର କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ଅନାମ ନାୟକଙ୍କ ଉପସ୍ଥିତି ଏବଂ ଫିରିଙ୍ଗିଆ ବ୍ଲକ କଂଗ୍ରେସ ସଭାପତି ତଳେଶ୍ୱର କହଁରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା । କଂଗ୍ରେସକୁ ଭରସା କରି ସଲାଗୁଡା, ଗୋଛାପଡା, ପଲାଭୃଡି ପଞ୍ଚାୟତର ଶତାଧିକ ବିଜେଡ଼ି ଓ ଭାଜପା କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। ଗୋଛପଡାର ଭୀମସେନ ଦେହୁରୀ, ପଲାଭୃଡି ପଞ୍ଚାୟତର ଘସିରାମ କହଁର, ସଲାଗୁଡା ପଞ୍ଚାୟତର ଚକ୍ରଧର କହଁର ପ୍ରମୁଖ ନେତାଙ୍କ ସହିତ ଶତାଧିକ କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ, ଜିଲ୍ଲା ମହିଳା କଂଗ୍ରେସ ସଭାପତି ରୁଦା ମଲ୍ଲିକ, ପିସିସି ସଭ୍ୟ ସନ୍ତୋଷ କୁମାର ପଟ୍ଟନାୟକ, ଘନ କୁମାର ଶବର, ଅମୀର ଚାନ୍ଦ ନାୟକ, ଯୁବ କଂଗ୍ରେସ ସଭାପତି ବସନ୍ତ ପାଢ଼ୀ, ଛାତ୍ର କଂଗ୍ରେସ ସଭାପତି ଅନୁପମ କହଁର ପ୍ରମୁଖ ଉପସ୍ଥିତ ଥିଲେ ।

# ଦଉଡ଼ି ସାଜିଛି ନଦୀପାର ମାଧ୍ୟମ

### ବାଜିରେ ଜୀବନ, ପ୍ରଶାସନ ନୀରବ

କୋଟଗଡ,୧୩।୧୦(ଡି.ଏନ.ଏ.)

କନ୍ଧମାଳ ଜିଲାରେ ଏଭଳି କେତେକ ସ୍ଥାନ ଅଛି ଯେଉଁଠି କି ବର୍ତ୍ତମାନ ପର୍ଯ୍ୟନ୍ତ ପୋଲ କିମ୍ବା ଭଲ ରାସ୍ତାଖଣ୍ଡେ ନାହିଁ। ଫଳରେ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକେ ଅଭିଯୋଗ କଲେ ମଧ୍ୟ ପ୍ରଶାସନ କିମ୍ବା ରାଜନେତା ସମସ୍ୟା ଜାଣି ମଧ୍ୟ ନୀରବ ରହୁଛନ୍ତି। ଏମିତି ଦେଖିବାକୁ ମିଳିଛି କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଶୀର୍ଲା ପଞ୍ଚାୟତରେ। ସେଠାରେ ଥିବା ରାହୁଲ ନଦୀ ଲୋକଙ୍କ ଲାଗି ସମସ୍ୟା ସାଜିଛି। ଏଠାରେ ପୋଲ ନ ଥିବାରୁ ଦଉଡି ସାହାଯ୍ୟରେ ପାର ହେବାକୁ ପଡୁଛି। ଶୀତ ଓ ବର୍ଷା ଦିନେ ଜୀବନ ବାଜି ଲାଗୁଛି। କାହାର ଦେହ ଖରାପ ହେଲେ ମଧ୍ୟ ସମସ୍ୟା ଦ୍ୱିଗୁଣିତ ହେଉଛି।

ନଦୀ ଆରପଟେ ଥିବା ପୀଡାମାହା, ପାଙ୍ଗାଲପଦର ଓ ଲିଙ୍ଗିରିମାହା ଆଦି ଗ୍ରାମରେ ବସବାସ କରୁଥିବା ପ୍ରାୟ ୫୦୦ଶହ ଲୋକ ଅଭିଶପ୍ତ ଜୀବନ ବିତାଉଛନ୍ତି। ପ୍ରତିଦିନ ଏମାନେ ବିଭିନ୍ନ କାର୍ଯ୍ୟଲାଗି କୋଟଗଡ ଓ ସୁବର୍ଣ୍ଣଗିରିରେ ଥିବା ମେଡିକାଲ କିମ୍ବା ହାଟବଜାର ଲାଗି ଆସିଥାନ୍ତି। ଏମାନେ ଦଉଡି ସାହାଯ୍ୟରେ ନଦୀପାଣିରେ ପଶି ବିପଦସଙ୍କୁଳ ଅବସ୍ଥାରେ ପାର ହୋଇଥାନ୍ତି। ନିର୍ବାଚିତ ଜନପ୍ରତିନିଧି କିମ୍ବା ସ୍ଥାନୀୟ ପ୍ରଶାସନ ସମସ୍ୟା ବିଷୟରେ ଅବଗତ ଥାଇ ମଧ୍ୟ ନୀରବ ରହୁଛନ୍ତି। ଉକ୍ତ ସମସ୍ୟା ଉପରେ ପ୍ରଶାସନ ଧ୍ୟାନ ଦେବାକୁ ସରପଞ୍ଚ ନୁସୁଙ୍ଗା ପାଟ୍ଟମାଝି, ୱାର୍ଡ ମେମ୍ବର ସଞ୍ଜୀ ମଲ୍ଲିକ, ସୁରେନ୍ଦ୍ର ମଲ୍ଲିକ, ରାଜେଶ ନାୟକ, ଆୟୁବ ନାୟକ, ସୀମାଞ୍ଚଳ ମଲ୍ଲିକ, ଶ୍ରମିକ ମୁଠାମାଝି, ରାମଚନ୍ଦ୍ର ପାଟ୍ଟମାଝି, ଦିଗମ୍ବର ମୁଠାମାଝି, ନିକ୍ର ପାଟ୍ଟମାଝି ଓ ବିଶ୍ୱନାଥ ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି।


କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ ଶୀର୍ଲା ପଞ୍ଚାୟତରେ ଥିବା ରାହୁଲ ନଦୀରେ ଲୋକେ ଦଉଡ଼ି ଧରି ପାର ହେଉଛନ୍ତି।



# ଦାବିପୂରଣ ନ ହେଲେ ଧାରଣା

କଳିଙ୍ଗନଗର,୧୩।୧୦(ଡି.ଏନ.ଏ.)

କଳିଙ୍ଗନଗର ଶିଳ୍ପାଞ୍ଚଳର ତ୍ରିଜଙ୍ଗା ବିସ୍ଥାପିତ କଲୋନୀର ବିଭିନ୍ନ ସମସ୍ୟା ନେଇ ଆନ୍ଦୋଳନକୁ ଓହ୍ଲାଇବ ବିସ୍ଥାପିତ ଉନ୍ନୟନ କମିଟି। କମିଟି ପକ୍ଷରୁ ୯ ଦଫା ସମ୍ବଳିତ ଏକ ଦାବିପତ୍ର ନିକଟରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ, କେନ୍ଦ୍ରାଞ୍ଚଳ ଆର୍‌ଡିସି, ଇଡ୍‌କୋ ସିଏମ୍‌ଡି, ହାଉସ କମିଟି ଅଧ୍ୟକ୍ଷ, ଯାଜପୁର ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ, କଳିଙ୍ଗନଗର ଏଡିଏମ, ଅତିରିକ୍ତ ଏସ୍‌ପି, ଦାନଗଦି ତହସିଲଦାର ଓ ଦାନଗଦି ବିଡିଓଙ୍କୁ ପ୍ରଦାନ କରାଯାଇଛି। ତେବେ ୧୬ ତାରିଖ ମଧ୍ୟରେ ଆଲୋଚନ ମାଧ୍ୟମରେ ଦାବିଗୁଡ଼ିକ ପୂରଣ ନ ହେଲେ ୧୯ ତାରିଖ ସକାଳୁ ଶିଳ୍ପାଞ୍ଚଳର ମିଲଟାରୀ ଛକଠାରେ ବିସ୍ଥାପିତ ଉନ୍ନୟନ କମିଟି ରାଜ ରାସ୍ତା ବନ୍ଦ କରିବା ସହ ଧାରଣାରେ ବସି ରହିବ। ଏନେଇ କଲୋନୀର ଆଜାଦ ହିନ୍ଦ କ୍ଲବ୍‌ଠାରେ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିସ୍ଥାପିତ ଉନ୍ନୟନ କମିଟି କର୍ମକର୍ତ୍ତା।

ବିସ୍ଥାପିତଙ୍କ କହିବା କଥା ହେଲା ୧୯୯୪ରେ ଏହି କଲୋନୀ ଇଡ୍‌କୋ ନିର୍ମାଣ କରିଥିଲା। ଏହାର ରକ୍ଷଣାବେକ୍ଷଣ ପାଇଁ ଇଡକୋକୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ଇଡକୋ ୨୭ ବର୍ଷ ମଧ୍ୟରେ କଲୋନୀରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ କରିନାହିଁ। ତେଣୁ ବିସ୍ଥାପିତ କଲୋନୀର ସମସ୍ତ କାର୍ଯ୍ୟକୁ ସରକାର ତୁରନ୍ତ ଇଡକୋଠାରୁ ପ୍ରତ୍ୟାହାର କରି ଦାନଗଦି ବ୍ଲକକୁ ହସ୍ତାନ୍ତର କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ୩ ବର୍ଷ ହେଲା ବନ୍ଦ ଥିବା ମେସ୍କୋ କାରଖାନାକୁ ତୁରନ୍ତ ପୁନଃ ଚାଲୁ କରିବା, ନଚେତ ମେସ୍କୋ କାରଖାନା ପାଇଁ ବିସ୍ଥାପିତ ହୋଇଥିବା ଜମିକୁ ବିସ୍ଥାପିତ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା, ତ୍ରିଜଙ୍ଗା ପୁନଃ ବସତି କଲୋନୀକୁ 'ଆଦର୍ଶ କଲୋନୀ'ରେ ପରିଣତ, ବିସ୍ଥାପିତ ପରିବାରକୁ ସ୍ୱାସ୍ଥ୍ୟସେବା, ସ୍ୱାସ୍ଥ୍ୟ ପରୀକ୍ଷା ଓ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ମାଗଣା ଯୋଗାଇ ଦେବା, ଯୋଗ୍ୟତା ଭିତିରେ କାରଖାନାରେ ସ୍ଥାୟୀ ନିଯୁକ୍ତି, ବିସ୍ଥାପିତ ସଦସ୍ୟ ଚାକିରି କାର୍ଯ୍ୟ ଭିତରେ ଯଦି ମୃତ କିମ୍ବା ଶାରୀରିକ ଅକ୍ଷମ ହୋଇଯାଆନ୍ତି

## ଚେତାବନୀ ଦେଲା ବିସ୍ଥାପିତ ଉନ୍ନୟନ କମିଟି

ତେବେ କମ୍ପାନୀ ଉକ୍ତ ପରିବାରରୁ ଅନ୍ୟ ଜଣେ ସଦସ୍ୟଙ୍କୁ ସ୍ଥାୟୀ ନିଯୁକ୍ତି ଦେବାପାଇଁ ବ୍ୟବସ୍ଥା କରିବା, ଖୁଙ୍ଗୁଟି ଗ୍ରାମର ନୂତନ କରି ପରିବାର ତାଲିକା ଭୁକ୍ତ ହୋଇଥିବା ପରିବାରକୁ ତୁରନ୍ତ ଜମି ଜାଗା ପ୍ରଦାନ କରିବା ସହ ଏହି ପରିବାରକୁ ତୁରନ୍ତ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ବ୍ୟବସ୍ଥା କରିବା, ବିସ୍ଥାପିତ ପରବାରର ସଦସ୍ୟଙ୍କୁ ଅଗ୍ରାଧିକାର ଭିତିରେ ଠିକାଦାରୀ ଓ ଯୋଗାଣ କାର୍ଯ୍ୟରେ ନିୟୋଜିତ କରିବା ଏବଂ ପୁରୁଷାନୁକ୍ରମେ ସ୍ଥାୟୀ ଚାକିରିର ସୁବିଧା କରିବାକୁ ଦାବି କରାଯାଇଛି। ଜିଲା ପ୍ରଶାସନ ବିସ୍ଥାପିତ ପରିବାରର ଦୁଃଖ ବିଚାରକୁ ନେଇ ସମାଧାନ ନ କଲେ ଆଇନ ହାତକୁ ନେବାକୁ ବାଧ ହେବୁ ଓ ସେଥିପାଇଁ ଜିଲା ପ୍ରଶାସନ ଦାୟୀ ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ପିକ୍‌ଅପ୍-ବାଇକ୍ ଧକ୍କା, ଜଣେ ଗୁରୁତର

ପାଣିକୋଇଲି,୧୩।୧୦(ଡି.ଏନ.ଏ.)

ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ସୋଲପଟା ଚାରି ଛକରେ ବାଇକ୍ ସହ ପିକଅପ ଦୁର୍ଘଟଣାରେ ୩ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ସଙ୍କଟାପନ୍ନ ରହିଛି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ନଂ.୨୩୩/୨୨ରୁଜୁ କରି ତଦନ୍ତ ଜାରି ରଖିଛି। ଗୋଳେଇପୁର ପଞ୍ଚାୟତ ସୋତି ଗ୍ରାମର କୃଷ୍ଣ ମାଝିଙ୍କ ପୁଅ ଅନିରୁଦ୍ଧ ତାଙ୍କ ଭଉଣୀ ମନୋରମା ଓ ଭଜଣା ଗୌରବ ପରିଡାଙ୍କୁ ଏକ ବାଇକରେ କବାଟବନ୍ଧ ନେଇ ଯାଉଥିବା ବେଳେ ଚାରି ଛକ ନିକଟରେ ପିକଅପ ଭ୍ୟାନ ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ବାଇକରେ ଥିବା ତିନି ଜଣ ଆହତ ହୋଇ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଦୁଇ ଜଣଙ୍କୁ ଡାକ୍ତର ପ୍ରାଥମିକ ଚିକିତ୍ସା କରି ଘରକୁ ଛାଡଇଥିବା ବେଳେ ଗୌରବଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଅସହାୟ ବୃଦ୍ଧା

ଯାଜପୁର ଅଫିସ,୧୩।୧୦

ଗରିବ ଲୋକଙ୍କୁ ଆବାସ ଘର ଠାରୁ ଆରମ୍ଭ କରି ଭତ୍ତା, ଟଙ୍କିକିଆ ଚାଉଳ ସରକାର ଯୋଗାଇ ଦେଉଛନ୍ତି। ହେଲେ ସରକାରଙ୍କ ଏହି ସୁବିଧା କାହାକୁ ମିଳୁଛି ତ ଆଉ କିଏ ପାଇବା ପାଇଁ ବର୍ଷ ବର୍ଷ ଧରି ଚାହିଁ ବସିଛନ୍ତି। ଏପରିକି ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ନିକଟରେ ଗୁହାରି କଲେ ମଧ ଫଳ ମିଳୁନାହିଁ। ମୁଖ୍ୟତଃ ବିଞ୍ଝାରପୁର ବ୍ଲକରେ ବହୁ ଅସହାୟ ଗରିବ ଲୋକ ସରକାରଙ୍କ ବିଭିନ୍ନ ଯୋଜନାରୁ ବାଦ୍ ପଡିଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ଜରୀ ଗ୍ରାମର ଅସହାୟ ବୃଦ୍ଧା ଶାନ୍ତିଲତା ଦେଇଙ୍କ ଅବସ୍ଥାକୁ ଦେଖିଲେ ଜଳ ଜଳ ହୋଇ ଦିଶୁଛି। ଜରୀ ଗାଁର ୭୪ ବର୍ଷିୟା ବୃଦ୍ଧା ଶାନ୍ତିଲତାଙ୍କ ସ୍ୱାମୀ ଗଗନ ମଳିକ ଆଜକୁ କିଛି ବର୍ଷ ହେବ ନିଖୋଜ ହୋଇଯାଇଛନ୍ତି। ପୁଅମାନେ ଶାନ୍ତିଲତାଙ୍କୁ ପଚାରୁ ନାହାନ୍ତି। ଏବେ ଶାନ୍ତିଲତା ଭୋକ ଉପାସରେ ରୋଗ ଶର୍ଯ୍ୟାରେ ପଡିଛନ୍ତି। ରାଜ୍ୟ ସରକାର ୬୦ ବର୍ଷର ବୃଦ୍ଧାବୃଦ୍ଧଙ୍କ ପାଇଁ ଭତ୍ତା ବ୍ୟବସ୍ଥା କରିଥିଲେ ମଧ ଶାନ୍ତିଲତା ଏଥିରୁ ବାଦ୍ ପଡିଛନ୍ତି। ୨୦୧୬ରୁ ଶାନ୍ତିଲତା ଭତ୍ତା


ଶାନ୍ତିଲତା ଦେଇ।

ଅର୍ଥ ପାଇବା ପାଇଁ ବିଡ଼ିଓଙ୍କ ଠାରୁ ଆରମ୍ଭ କରି ଉପଜିଲାପାଳ ପର୍ଯ୍ୟନ୍ତ ସମସ୍ତଙ୍କୁ ନେହୁରା ହୋଇଛନ୍ତି। ଶାନ୍ତିଲତାଙ୍କ ଅବସ୍ଥା ଦେଖି ତତ୍କାଳୀନ ଉପଜିଲାପାଳ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ବିଞ୍ଝାରପୁର ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ ୬ ବର୍ଷ ଧରି ଏହି ନିର୍ଦ୍ଦେଶ ସରକାରୀ ନାଲିଫିତା ତଳେ ହଜିଯାଇଛି। ଏପରି କି ଭତ୍ତା ଅର୍ଥ ପାଇବା ପାଇଁ ଶାନ୍ତିଲତା ବାରମ୍ବାର ଆବେଦନ କରୁଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ହେଲେ ଏହି ବ୍ଲକରେ ବହୁ ଥିଲାବାଲା ଲୋକ ସରକାରଙ୍କ ବିଭିନ୍ନ ଯୋଜନାର ଫାଇଦା ଉଠାଉଛନ୍ତି। ଯାଜପୁର ଜିଲାପାଳ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବା ସହ ଶାନ୍ତିଲତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଯୋଗାଇ ଦେବାକୁ ପୂର୍ବତନ ସରପଞ୍ଚ ଭୁବନାନନ୍ଦ ସାମଲ ଦାବି କରିଛନ୍ତି।

# ୯ ମାସରେ ୨୯,୩୦୧ ଅବକାରୀ ମାମଲା

କଟକ ଅଫିସ,୧୩।୧୦

ରାଜ୍ୟରେ ବେଆଇନ ମାଦକ ଦ୍ରବ୍ୟ କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଅବକାରୀ ବିଭାଗର ମାମଲା ସଂଖ୍ୟା ତଦନୁସାରେ ବଢ଼ିଚାଲିଛି। ୨୦୨୧-୨୨ରେ ୧୮,୨୩୭ଟି ମାମଲା ରୁଜୁ ହୋଇଥିଲା। ହେଲେ ଚଳିତ ଆର୍ଥିକ ବର୍ଷ ୨୦୨୨-୨୩ରେ ସେପ୍ଟେମ୍ବର ପର୍ଯ୍ୟନ୍ତ ୨୯,୩୦୧ଟି ରେକର୍ଡ ସଂଖ୍ୟକ ମାମଲା ରୁଜୁ ହୋଇଛି। ଗତବର୍ଷ ତୁଳନାରେ ଚଳିତବର୍ଷ ଉକ୍ତ ମାମଲା ସଂଖ୍ୟା ୬୦% ବୃଦ୍ଧିପାଇଥିବା ଜଣାପଡିଛି।

ସୂଚନା ଅନୁସାରେ, ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର ପର୍ଯ୍ୟନ୍ତ ନାର୍କୋଟିକ୍ସ ଡ୍ରଗ୍ ଏବଂ ସାଇକୋଟ୍ରୋପିକ ପଦାର୍ଥ ଅଧିନିୟମ ଅନୁଯାୟୀ ୯୩୬ଟି ମାମଲା ରୁଜୁ ହୋଇଛି। ୩୧୫ଟି ମାମଲାରେ ୧,୦୮୦ ଜଣଙ୍କୁ ଗିରଫ କରାଯାଇଛି। ଗତବର୍ଷ ସେପ୍ଟେମ୍ବର ପର୍ଯ୍ୟନ୍ତ ୪,୦୭୬ ଗ୍ରାମ୍ ହେରୋଇନ ଜବତ ହୋଇଥିଲାବେଳେ ଚଳିତବର୍ଷ ୧୪,୩୧୨ ଗ୍ରାମ୍ ହେରୋଇନ୍ ଜବତ କରାଯାଇଛି। ହେରୋଇନ୍ କାରବାର ଗତବର୍ଷ ତୁଳନାରେ ଏବର୍ଷ ୨୫୧% ବୃଦ୍ଧି ପାଇଛି। ସେହିପରି ଗତବର୍ଷ ୧୨,୬୯୨ କେଜି ଗଞ୍ଜେଇ ଜବତ ହୋଇଥିବାବେଳେ ଏ ବର୍ଷ ୨୫,୫୦୨ କେଜି ଗଞ୍ଜେଇ ଜବତ କରାଯାଇଛି। ତେବେ ଅବକାରୀ ଅଧୀକ୍ଷକମାନେ ଆଗାମୀ ଦିନରେ ବେଆଇନ ମଦରନ୍ଧା ଓ ବିକ୍ରୟ, ନକଲି ମଦ, ଗଞ୍ଜେଇ, ହେରୋଇନ ଜବତ ସହ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ଅବକାରୀ ଆୟୁକ୍ତ ଆଶିଷ କୁମାର ସିଂ ନିର୍ଦ୍ଦେଶ ଦେଇଛନ୍ତି। ଅବକାରୀ ବିଭାଗର ମାସିକ ସମୀକ୍ଷା ବୈଠକ ଭର୍ଚ୍ଚୁଆଲରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅବକାରୀ ଆୟୁକ୍ତ ସିଂ ଅଧ୍ୟକ୍ଷତା କରି ବେଆଇନ ମାଦକ ଦ୍ରବ୍ୟ କାରବାର ନିୟନ୍ତ୍ରଣ, ଗଞ୍ଜେଇ ଚାଷ ଓ ମଦ କାରବାର ରୋକିବା ନିମନ୍ତେ ନିରନ୍ତର ଚଢ଼ାଉ କରିବାକୁ କହିଥିଲେ। ଅତିରିକ୍ତ ଅବକାରୀ ଆୟୁକ୍ତ ରାମଚନ୍ଦ୍ର ପାଲଟା, ଯୁଗ୍ମ ଅବକାରୀ ଆୟୁକ୍ତ ଡ. ଦିବ୍ୟଲୋଚନ ମହନ୍ତ, ଶରତ ଚନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମିଶ୍ର, ରଜତ କୁମାର ପ୍ରହରାଜ, ଦଣ୍ଡପାଣି ବେହେରା, ଡମ୍ବରୁଧର ଖଣ୍ଡା ଆଦି ଅଧିକାରୀମାନେ ଉପସ୍ଥିତ ଥିଲେ।

# ୧୦ କୋଟି ୩୫ ଲକ୍ଷର କାରବାର

## ଜାତୀୟସ୍ତରୀୟ ହସ୍ତତନ୍ତ ମେଳା

ଭୁବନେଶ୍ୱର,୧୩।୧୦(ବ୍ୟୁରୋ)

ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ 'ବୟନିକା' ଆନୁକୂଲ୍ୟରେ ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆ ଏବଂ ଏକାମ୍ର ହାଟରେ ସେପ୍ଟେମ୍ବର ୧୨ରୁ ଚାଲିଥିବା ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଅକ୍ଟୋବର ୧୨ରେ ଶେଷ ହୋଇଛି। ମେଳାରେ ୨୧୫ଟି ଷ୍ଟଲ ଖୋଲାଯାଇଥିଲା। ସେଥିମଧ୍ୟରୁ ୧୧୫ଟି ଷ୍ଟଲରେ ଓଡ଼ିଶାର ବିଭିନ୍ନ ହସ୍ତତନ୍ତ ସଂସ୍ଥା ଓ ସମିତି ହସ୍ତତନ୍ତ ସାମଗ୍ରୀର ପ୍ରଦର୍ଶନ ଓ ବିକ୍ରୟ କରିଥିଲେ। ଦେଶର ସମସ୍ତ ବୟନକଳାକୁ ଗୋଟିଏ ସ୍ଥାନରେ ପ୍ରଦର୍ଶିତ କରାଇବା ତଥା ଏହାର ବିକ୍ରୟ ସୁଯୋଗ ସୃଷ୍ଟି ସହିତ ବୁଣାକାରମାନଙ୍କର ସର୍ବାଙ୍ଗୀନ ବିକାଶ ଉଦ୍ଦେଶ୍ୟରେ ଏହି ମେଳା ଆୟୋଜିତ ହୋଇଥିଲା। ଏକମାସ ଧରି ଆୟୋଜିତ ଏହି ମେଳାରେ ୧୫ଟି ରାଜ୍ୟ ଭାଗ ନେଇଥିଲେ। ମେଳାରେ ପ୍ରାୟ ୧୦ କୋଟି ୩୫ ଲକ୍ଷ ଟଙ୍କାର ବିକ୍ରିବଟା ହୋଇଥିଲା। 'ବୟନିକା' ଏହି ମେଳାରେ ୧ କୋଟି ୮୦ ଲକ୍ଷ ଟଙ୍କାର ଓଡ଼ିଶା ହସ୍ତତନ୍ତ ସାମଗ୍ରୀ ବିକ୍ରୟ କରିପାରିଛି। ବୁଣାକାର ସେବାକେନ୍ଦ୍ର, ଭୁବନେଶ୍ୱର ଦ୍ୱାରା ତିଆରି ହୋଇଥିବା ଥିମ୍ ପାଭିଲିଅନ୍ ଦର୍ଶକଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲା। ଏହି ପାଭିଲିଅନ୍‌ରେ ଲୋକେ ଓଡ଼ିଶାର ହସ୍ତତନ୍ତ ସମ୍ପର୍କରେ ଅଧିକ ଜାଣିବାର ସୁଯୋଗ ପାଇଥିଲେ। ମେଳାରେ ଲୋକେ ବିଭିନ୍ନ ରାଜ୍ୟର ହସ୍ତତନ୍ତ ବସ୍ତ୍ର କିଣାକିଣି କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସୁସ୍ୱାଦୁ ଖାଦ୍ୟର




ମଜା ଉଠାଇଥିଲେ। ବୁଧବାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ, ବୟନ ଶିଳ୍ପ ନିର୍ଦ୍ଦେଶକ ଶୋଭନ ସାହୁ ଏବଂ 'ବୟନିକା' ପରିଚାଳନା ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ମେଳାରେ ଅଂଶଗ୍ରହଣକାରୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିବା ସହିତ ପ୍ରମାଣପତ୍ର ବଣ୍ଟନ କରିଥିଲେ। ମେଳା ଶୃଙ୍ଖଳିତ ଭାବେ ମାସାଧିକ କାଳ ପରିଚାଳିତ ହୋଇଥିବାରୁ ପ୍ରମୁଖ ଶାସନ ସଚିବ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଉର୍ବଶୀ


@ କିଶୋର


@ ବଳରାମ


@ ଅମର


@ ସ୍ମାରକ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ତଦନ୍ତ ବେଳେ ପୋଲିସକୁ ଆକ୍ରମଣ

**ଟାଙ୍ଗୀ(ଖୋର୍ଦ୍ଧା),୧୩।୧୦(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ସୋରଣ ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଦୁଇ ପଡୋଶୀଙ୍କ କଳିକୁ ନେଇ କୁହୁଡି ଫାଣ୍ଡିରେ ହୋଇଥିବା ଅଭିଯୋଗର ତଦନ୍ତ ପାଇଁ ଯାଇଥିବା ପୋଲିସକୁ ଗାଳିଗୁଲଜ ସହ ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ଜେନାଙ୍କ ଅଭିଯୋଗକ୍ରମେ ୧୮ଜଣଙ୍କ ନାମରେ ମାମଲା(ନଂ.୫୭୯/୨୨) ରୁଜୁ ହୋଇଛି। ତେବେ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡ଼ିଛି। ସୂଚନା ମୁତାବକ, ସୋରଣ ଗ୍ରାମର ତଳିରାଣୀକୁ ପଡୋଶୀ କୀର୍ତ୍ତନ ମୁଦୁଲି ଫୋନରେ ଗାଳିଗୁଲଜ କରୁଥିବା ନେଇ ଅଭିଯୋଗ ହୋଇଥିଲା।

# ସୋତିରେ ମା' ଗଜଲକ୍ଷ୍ମୀଙ୍କ ପୂଜାର ପୂର୍ଣ୍ଣାହୁତି

ପାଣିକୋଇଲି,୧୩।୧୦(ଡି.ଏନ.ଏ.)

କୋରାଇ ବ୍ଲକ୍ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ସୋତି ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜାର ପୂର୍ଣ୍ଣାହୁତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ ଯୋଗଦେଇଥିବା ବେଳେ ଗୋଳେଇପୁର ସରପଞ୍ଚ ସସ୍ମିତା ମାଝିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଶତାଧିକ ଭକ୍ତ ଯୋଗଦେଇ ମା'ଙ୍କ ବିଭୂକୃପା ଲାଭ କରିଥିଲେ। କାର୍ଯ୍ୟକ୍ରମରେ ମହାଲକ୍ଷ୍ମୀ ପୂଜା କମିଟିର ସମସ୍ତ ସଦସ୍ୟଙ୍କ ସହ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।


ଗଜଲକ୍ଷ୍ମୀ ପୂଜାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଗ୍ରାମବାସୀ।

# ୨ ସପ୍ତାହ ପରେ ବି ହୋଇପାରୁନି ତଦନ୍ତ

ବରୀ,୧୩।୧୦(ଡି.ଏନ.ଏ.)

ବରୀ ବ୍ଲକ୍ ଅଧୀନ କିମ୍ବିରିଆପାଳ ପଞ୍ଚାୟତର କେତେଜଣ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀ ସାମଗ୍ରୀ ପାଇବାରୁ ବଞ୍ଚିତ ହେବା ନେଇ ବ୍ଲକ୍ ଯୋଗାଣ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ ତଦନ୍ତ ହେଉନାହିଁ। ଫଳରେ ଏହାକୁ ନେଇ ଅଭିଯୋଗକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗ ଚାପରେ ପଡ଼ି ତଦନ୍ତ କରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ପଞ୍ଚାୟତର ଜଣେ ଖୁଚୁରା ବିକ୍ରେତା(ରିଟେଲର) ହିତାଧିକାରୀଙ୍କୁ ସେମାନଙ୍କ ଗହମ, ଚାଉଳ ଦେଇ ନ ଥିଲେ। ହିତାଧିକାରୀ ବାରମ୍ବାର ବିଡିଓ ଏବଂ ଯୋଗାଣ ନିରୀକ୍ଷକଙ୍କୁ

## ବ୍ଲକ୍ ଯୋଗାଣ ନିରୀକ୍ଷକଙ୍କୁ ଘେରାଉ ଘଟଣା

ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ତେଣୁ ବାଧହୋଇ ସେମାନେ ୨୬।୦୯।୨୦୨୨ରେ ପଞ୍ଚାୟତର ଯୁବସାମାଜିକ କର୍ମୀ ନାଲୁ ପରିଡ଼ାଙ୍କ ନେତୃତ୍ୱରେ ବରୀ ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ବେହେରାଙ୍କୁ ଘେରାଉ କରିଥିଲେ। ବିଡିଓ ଚିନ୍ମୟ ଦାସ ପହଞ୍ଚି ସମ୍ପୃକ୍ତ ରିଟେଲରଙ୍କ ବିରୋଧରେ ଯାହା ଅଭିଯୋଗ ଆସିଛି ତାହାକୁ ସପ୍ତାହକ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବାକୁ ଯୋଗାଣ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ୭ ଦିନ ମଧ୍ୟରେ ହିତାଧିକାରୀଙ୍କୁ ସେମାନଙ୍କ ସାମଗ୍ରୀ ପ୍ରଦାନ କରାଯିବ ବୋଲି କହିଥିଲେ। ହେଲେ ଏହି ନିର୍ଦ୍ଦେଶକୁ ୨ ସପ୍ତାହରୁ ଊର୍ଦ୍ଧ୍ୱ ବିତିଥିଲେ ମଧ ଅଭିଯୋଗର ତଦନ୍ତ ହେଉନାହିଁ। ଯୋଗାଣ ନିରୀକ୍ଷକ କେଉଁ ଉଦ୍ଦେଶ୍ୟରେ ରିଟେଲରଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଯୋଜନାରୁ ବଞ୍ଚିତ ହୋଇଥିବା ଉକ୍ତ ପଞ୍ଚାୟତ ୨ନଂ. ୱାର୍ଡର କବିତା ଦାସ, ଅଞ୍ଜଳି ବାରିକଙ୍କ ସମେତ ବହୁ ହିତାଧିକାରୀ ସମ୍ପୃକ୍ତ ରିଟେଲରଙ୍କୁ ନିଲମ୍ବିତ କରିବାକୁ ଦାବି କିରବା ସହ ସେମାନଙ୍କ ଖାଦ୍ୟ ସାମଗ୍ରୀ ପାଇବା କ୍ଷେତ୍ରରେ ବିଧାୟିକା ସୁନନ୍ଦା ଦାସ ହସ୍ତକ୍ଷେପ କରିବାକୁ ଗଣମାଧ୍ୟମ ଜରିଆରେ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଯୋଗାଣ ବିଭାଗ ନିକଟରେ ମାଳମାଳ ଅଭିଯୋଗ ହେଉଥିଲେ ମଧ ଅଧିକାରୀ ନୀରବଦ୍ରଷ୍ଟା ସାଜିବାରୁ ଯୋଜନାରୁ ବଞ୍ଚିତ ବ୍ୟକ୍ତି ବାରମ୍ବାର ବ୍ଲକ୍ କାର୍ଯ୍ୟାଳୟକୁ ଆସି ହତାଶ ହେଉଛନ୍ତି। ଏ ସମ୍ପର୍କରେ ଯାଜପୁର ଜିଲା ସହକାରୀ ଯୋଗାଣ ଅଧିକାରୀ ପ୍ରହଲ୍ଲାଦ ସେଠୀ କହିଛନ୍ତି, ଅଭିଯୋଗର ତଦନ୍ତ ରିପୋର୍ଟ ବ୍ଲକ୍ ଯୋଗାଣ ନିରୀକ୍ଷକ ଜିଲାସ୍ତରକୁ ପଠାଇନାହାନ୍ତି। ତଦନ୍ତ ରିପୋର୍ଟ ଆସିଲେ ଏହାର ବିଚାର କରାଯିବ। ବରୀ ଯୋଗାଣ ନିରୀକ୍ଷକ ବେହେରାଙ୍କ ପ୍ରତିକ୍ରିୟା ପାଇଁ ତାଙ୍କୁ ବାରମ୍ବାର ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ। ଏନେଇ ବିଡିଓ ଦାସଙ୍କ ପ୍ରତିକ୍ରିୟା ଲୋଡ଼ା ଯାଇଥିଲେ ମଧ ସେ ଫୋନ୍ ଗ୍ରହଣ କରି ନ ଥିଲେ।

## କମେଣ୍ଟ ମାରି ଜେଲ ଗଲେ ଯୁବକ

**ନୟାଗଡ଼ ଅଫିସ:**ନୟାଗଡ଼ ଟାଉନ ଥାନା ପୋଲିସ କମେଣ୍ଟ ମାରିବା ଅଭିଯୋଗରେ ବେବର୍ତ୍ତାପଲ୍ଲୀର ଶ୍ରୀନିବାସ ନାୟକ (୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଶ୍ରୀନିବାସଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଶ୍ରୀନିବାସ ଜଣେ କଲେଜ ଛାତ୍ରୀଙ୍କୁ ୧ମାସ ହେବ କମେଣ୍ଟ କରି ଆସୁଥିଲେ । ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୭୩/୨୨) ରୁଜୁ କରି ତଦନ୍ତ କରିଥିଲା ।

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ,ଜରିମାନା

#### ନାବାଳିକାଙ୍କୁ ଅସଦାଚରଣ ମାମଲା

ଖଣ୍ଡପଡ଼ା,୧୩।୧୦(ସ୍ୱ.ପ୍ର.)-ଜଣେ ନାବାଳିକାଙ୍କୁ ଅସଦାଚରଣ କରିଥିବା ମାମଲାର ବିଚାର କରି ନୟାଗଡ଼ ପୋକ୍‌ସୋ ଅଦାଲତ ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅଧୀନ ବୋଦସା ଗ୍ରାମର ସୁବାସ ଖୁଣ୍ଟିଆ(୩୦)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହି ମାମଲାରେ ତାଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ କୋର୍ଟ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ୩ ମାସ ସଶ୍ରମ କାରାଦଣ୍ଡ ପାଇଁ ନୟାଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ବିଭୁ ପ୍ରସାଦ ପଣ୍ଡା ନିଜ ରାୟରେ ସ୍ପଷ୍ଟ କରିଛନ୍ତି । ୨୦୨୧ରେ ସୁବାସ ସମ୍ପୃକ୍ତା ନାବାଳିକାଙ୍କୁ ଅସଦାଚରଣ କରିଥିବା ନେଇ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏସ୍‌ଆଇ ଶ୍ରଦ୍ଧା ନାୟକ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ କରି ଏ ସମ୍ପର୍କରେ ସବିଶେଷ ରିପୋର୍ଟ ପୋକ୍‌ସୋ ଅଦାଲତରେ ଦାଖଲ କରିଥିଲେ ।

### ଗଛରେ ପିଟିହେଲା କାର

#### ସ୍ୱାମୀ, ସ୍ତ୍ରୀ ସମେତ ପୁଅ ଗୁରୁତର

ଓଡ଼ଗାଁ, ୧୩।୧୦(ସ୍ୱ.ପ୍ର.)-ସ୍ଥାନୀୟ ଆଦର୍ଶ ଥାନା ଅଧୀନ ରୋହିବାଙ୍କଠାରେ ଗୁରୁବାର ଅପରାହ୍ନରେ ଏକ କାର ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ କାର ଚଳାଉଥିବା ସତ୍ୟବାନ ପୃଷ୍ଟି, ସ୍ତ୍ରୀ କଲ୍ୟାଣୀ ଓ ପୁଅ ଶୁଭକାନ୍ତ ଗୁରୁତର ହୋଇଛନ୍ତି । ସତ୍ୟବାନ କାର (ନଂ.ଓଡି ୨୫ଏ ୮୨୬୬ )ରେ ଭଞ୍ଜନଗରରୁ ନିଜ ଗ୍ରାମ ନୟାଗଡ଼କୁ ଫେରୁଥିଲେ । ଗାଡ଼ିଟି ଭାରସାମ୍ୟ ହରାଇ ରୋହିବାଙ୍କଠାରେ ଏକ ଆମ୍ବ ଗଛରେ ପିଟି ହୋଇଯାଇଥିଲା । କାର ସମ୍ମୁଖଭାଗ ଚୁରମାର ହୋଇଯାଇଛି । ସମସ୍ତ ଆହାତଙ୍କୁ ଲୋକେ ଉଦ୍ଧାର କରି ସ୍ଥାନୀୟ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ । ପରେ ସମସ୍ତଙ୍କୁ ନୟାଗଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ପୋଲିସ ତଦନ୍ତ ଜାରି ରଖିଛି ।

### ପୋଲିସ କର୍ମଚାରୀଙ୍କ ଆତ୍ମହତ୍ୟା

ନୟାଗଡ଼ ଅଫିସ,୧୩।୧୦:ଓଡିଶା ଅଗ୍ନିଜାରି ପୋଲିସ କର୍ମଚାରୀ କୃଷ୍ଣଚନ୍ଦ୍ର ମଲ୍ଲିକ ଆତ୍ମହତ୍ୟା କରିଛନ୍ତି । ନୟାଗଡ ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ.୨୨/୨୨)କରି ପୋଲିସ ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ, କୃଷ୍ଣଚନ୍ଦ୍ର ଗଣିଆ ଥାନାରେ ଓଡ଼ିଶା ଅଗ୍ନିଜାରି ପୋଲିସ ଫୋର୍ସ ଭାବେ ନିୟୋଜିତ ହୋଇଥିଲେ । ତାଙ୍କର କିଛି ଦିନ ତଳେ ଖଣ୍ଡପଡ଼ା ଥାନାକୁ ବଦଳି ହୋଇଥିଲା । ତେବେ ସେ କାର୍ଯ୍ୟରେ ଯୋଗ ଦେଇ ନ ଥିଲେ । କୃଷ୍ଣଚନ୍ଦ୍ରଙ୍କ ୨ ସ୍ତ୍ରୀ ଅଛନ୍ତି । ସେ ପ୍ରଥମ ସ୍ତ୍ରୀଙ୍କ ପାଖରେ ଲେଙ୍କୁଡିପଡା ଭଡ଼ା ଘରେ ଆତ୍ମହତ୍ୟା କରିଥିଲେ । ମୃତ୍ୟୁ ପଛରେ ପାରିବାରିକ ବିବାଦ ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣି ପାରିଛି ।

### ହାତୀ ବୁଲୁଛି, ବାଘ ଗର୍ଜନ ଶୁଭୁନି

ନୟାଗଡ଼ ଅଫିସ/ଦଶପଲ୍ଲା,୧୩।୧୦(ଡି.ଏନ୍.ଏ.):ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜର ପୋଇବାଡି, କାଲରା, ରଗଡିମଡା ସଂରକ୍ଷିତ ଜଙ୍ଗଲରେ ୩ଟି କଲରାପତରିଆ ବାଘ ଓ ୧୭ଟି ହାତୀ ବୁଲୁଛନ୍ତି ବୋଲି ଚର୍ଚ୍ଚା ହେଉଥିଲା । ବାଘ ଓ ହାତୀ ଗର୍ଜନରେ ଗାଁ ଲୋକ ଭୟଭୀତ ହୋଇ ପଡିଥିଲେ । ତେବେ ୨ଦିନ ହେଲା ଆଉ ବାଘ ଗର୍ଜନ ଶୁଭୁନି । ତେବେ ହାତୀପଲ ପରିକ୍ରମା କରୁଥିବା ଦେଖିବାକୁ ମିଳୁଛି । ବାଘର ଭୟ କମି ଯାଇଥିବାବେଳେ ଜଙ୍ଗଲ ନିକଟବର୍ତ୍ତୀ କୁସୁମଗାଡିଆ, କୁସୁମକଣ, ଗିରି, ତୁକୁଡା, ବରସାହି, ପୁରୁଣାପୋଇବାଡି, ଖଳିସାହି ଆଦି ଗାଁ ଲୋକେ ଭୟଭୀତି ଅବସ୍ଥାରେ ଅଛନ୍ତି । ତେବେ କଲରାପତରିଆ ବାଘଗୁଡିକ କୁଆଡେ ଗଲେ ଜଣାପଡିନି ।

### ଗଛ ପଡ଼ି ରାସ୍ତା ଅବରୋଧ

ଦଶପଲ୍ଲା,୧୩।୧୦(ଡି.ଏନ.ଏ.)-ଦଶପଲ୍ଲା ବ୍ଲକର ପଥୁରିଆଠାରେ ଏକ ବଡ଼ ଆମ୍ବ ଗଛ ଉପୁଡ଼ି ପଡ଼ିବାରୁ ପଥୁରିଆ ଗୋବର୍ଦ୍ଧନପୁର ରାସ୍ତା ଅବରୋଧ ହୋଇଛି । ଏହି ପୁରାତନ ଗଛଟି ଗୁରୁବାର ସକାଳେ ଉପୁଡି ପଡ଼ିଥିଲା । ରାସ୍ତା ଉପରେ ଗଛଟି ପଡିବାରୁ ବହୁ ସମୟ ଧରି ଯାତାୟତ ବ୍ୟାଧାପ୍ରାପ୍ତ ହୋଇଥିଲା । ଖବର ପାଇ ଦଶପଲ୍ଲା ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଗଛ କାଟି ସଫା କରିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା ।

# ରାଶନ ଚାଉଳ ମାନକୁ ନେଇ ଚିନ୍ତା

- ମିଲର ପ୍ରତି ଅନୁକମ୍ପା, ଚାଷୀଙ୍କୁ ଶୋଷଣ
- କ୍ୱାଲିଟି ଆନାଲିସିସ ଓ ସହକାରୀ ଯୋଗାଣ ଅଧିକାରୀ ଚୁପ୍
- ମଣ୍ଡିରୁ ନେଉଥିବା ଏଫ୍‌ଏକ୍ୟୁ ମାନର ଧାନ ଯାଉଛି କୁଆଡେ
- ଚାଷୀ ଦେଉଛି ଭଲ ଧାନ, ଖାଉଛି ଖରାପ ଚାଉଳ

ନୟାଗଡ଼ ଅଫିସ,୧୩।୧୦

ରାଶନ କାର୍ଡଧାରୀଙ୍କୁ ମିଳୁଥିବା ଚାଉଳର ମାନ ଉପରେ ଉଠିଛି ପ୍ରଶ୍ନ । କାର୍ଡଧାରୀଙ୍କୁ ନିମ୍ନମାନର ଚାଉଳ ଦିଆଯାଉଥିବା ଅଭିଯୋଗ ହେଉଛି । ହେଲେ ସେହି ଅଭିଯୋଗକୁ ଚାପି ଦିଆଯାଉଛି । କାହିଁକି ରାଶନ ଚାଉଳ ମାନ ଉପରେ ଗୁରୁତ୍ୱ ଦିଆଯାଉନାହିଁ ସେ ନେଇ ଆଲୋଚନା ଜୋର ଧରିଛି । ଚାଷୀ ଭଲ ଧାନ ଦେଇ ଖରାପ ଚାଉଳର ଭାତ ଖାଉଛି । ଚାଷୀଙ୍କଠାରୁ ମଣ୍ଡିରେ ଧାନ କିଣିବା ବେଳେ ଏଫ୍‌ଏକ୍ୟୁ ମାନ ଉପରେ ଗୁରୁତ୍ୱ ଦିଆଯାଉଛି । ଏପରି କି ମିଲର ଏଫ୍‌ଏକ୍ୟୁ ମାନ ଖୋଜି ୫୦ କେଜି ଧାନ ପିଛା ୧୦ରୁ ୧୫ କେଜି କଟ୍‌ନୀଛଟନୀ କରୁଛି । ଚାଷୀ ଅପଦସ୍ତ ଓ ହଇରାଣ ହୋଇ ଧାନ ବିକ୍ରି କରୁଛି । କିନ୍ତୁ ମିଲର ନିମ୍ନମାନର ଚାଉଳ ଫେରାଉ ଥିଲେ ମଧ୍ୟ ଅଭିଯୋଗ କେହି ଶୁଣୁ ନାହାନ୍ତି । ମଣ୍ଡିରୁ ଏଫ୍‌ଏକ୍ୟୁ ମାନର ଧାନ ନେଉଥିବା ମିଲର ଉନ୍ନତ ମାନର ଚାଉଳ ବଜାରରେ ବିକ୍ରି କରି ଲାଭବାନ ହେଉଛି । ଖରାପ ଧାନର ଚାଉଳ ରାଶନ କାର୍ଡ ଉପଭୋକ୍ତାଙ୍କୁ ଦେଇ ମିଲର ଭଲ ରୋଜଗାର କରିବାରେ ଲାଗିଛି । ତେବେ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) କରୁଛି କ'ଣ । ଧାନର ମାନ ପରୀକ୍ଷଣ ପାଇଁ ନିୟୋଜିତ କ୍ୱାଲିଟି ଆନାଲେସିସ ଓ ସହକାରୀ ଯୋଗାଣ ଅଧିକାରୀ ବି ଚୁପ୍ ବସିଛନ୍ତି ବୋଲି ଅଭିଯୋଗ ହୋଇଛି ।

ଏନେଇ ଗଣିଆର ରଶ୍ମିତା ମୁଦୁଲି କୁହନ୍ତି, ଆମ ଅଞ୍ଚଳରେ ରାଶନ ସାମଗ୍ରୀରେ ମିଳୁଥିବା ଚାଉଳରେ ଖୁଦ, ମଳା ଚାଉଳ ରହୁଛି । ଅଧିକାଂଶ ସମୟରେ ସେହି ଚାଉଳରୁ ଗନ୍ଧ ବାହାରୁଛି । ପୁଣି ଭାତର ସ୍ୱାଦ ରହୁନି । ଅଭିଯୋଗ କଲେ ଶୁଣିବାକୁ ମିଳୁଛି ୧ଟଙ୍କାରେ ଚାଉଳ ନେଇ ପ୍ରତିବାଦ କାହିଁକି । ମନ ପାଇଲେ ନିଅ ନ ହେଲେ ଚାଲିଯାଅ । ଏଣୁ ଭାଗ୍ୟକୁ ଆଦରି ଆଣିବାକୁ ପଡୁଛି । ଖଣ୍ଡପଡ଼ାର ପପୁନା ମହାନ୍ତି କୁହନ୍ତି, ଚାଷୀ ଓ ଚାଷ ହ୍ରାସ ପାଇ ଚାଲିଛି । ଏହାକୁ ସମସ୍ତେ ଅନୁଭବ କରୁଥିଲେହେଁ ଏଥିପ୍ରତି ବ୍ୟବସ୍ଥା ନାହିଁ । ସମସ୍ତେ ଚାଷୀ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । କିନ୍ତୁ ମିଲରଙ୍କୁ ସହଯୋଗ କରୁଛନ୍ତି । ମିଲର ଲାଭରେ ଚାଷୀ କ୍ଷତିରେ ରହୁଛି । ଚାଷୀ ଭଲ ଧାନ ବିକି ନିମ୍ନମାନର ଚାଉଳର ଭାତ ଖାଉଛି । ନୟାଗଡ଼ର ଲକ୍ଷ୍ମୀପ୍ରିୟା ଦଳବେହେରା କୁହନ୍ତି, ନୟାଗଡ଼ରେ ଚାଷୀ ଓ ଚାଷ ବୁଡିବାକୁ ବସିଥିବାବେଳେ ମିଲରମାନେ ନିଜର ସମ୍ପତ୍ତି ବଢ଼ାଇବାରେ ଲାଗିଛନ୍ତି । ହେଲେ ଏ ନେଇ ସରକାର କି ପ୍ରଶାସନର ନିଦ ଭାଙ୍ଗୁନି । ୧ଟଙ୍କିଆ ଚାଉଳ ଦେଇ ସରକାର ବାହାବା ନେଉଛନ୍ତି । ହେଲେ ଏହା ପଛରେ ଚାଲିଥିବା ହରିଲୁଟ୍‌କୁ ରୋକିବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । କାରଣ ଲୁଟ ପଛରେ ଏକ୍ ର୍ୟାକେଟ କାମ କରୁଛି । ସରକାର ଚାଉଳ କେଜି ପିଛା ୩୨ ଟଙ୍କା ଖର୍ଚ୍ଚ କରୁଛନ୍ତି । ଖୋଲା ବଜାରରେ ୨୫ରୁ ୩୦ ଟଙ୍କାରେ ମିଳୁଥିବା ଚାଉଳ ରାଶନ ଚାଉଳ ଠାରୁ ଭଲ। ସରକାର ତାହାକୁ ତୁଳନା କଲେ ଲୋକେ କିପରି ଅଖାଦ୍ୟ ଖାଉଛନ୍ତି ତାହା ଜାଣି ପାରିବେ । ଗଣିଆର ରୂପ ନାୟକ କୁହନ୍ତି, ରାଶନ ସାମଗ୍ରୀରେ ଚାଉଳ ମିଳିବା ପରେ ଆଉ ଘରେ ଧାନରୁ ଚାଉଳ କରାଯାଉନି । ଜିଲାର ୮୦ ପ୍ରତିଶତ ଲୋକ ୧ ଟଙ୍କିଆ ଚାଉଳ ଉପରେ ନିର୍ଭର କରୁଛନ୍ତି । ଚାଉଳର ଗୁଣବତ୍ତା ଉପରେ ପରୀକ୍ଷା କରାଯାଉନି । ରଣପୁରର ସୁଦାମ ପ୍ରଧାନ କୁହନ୍ତି, ଧାନର ମାନ ପରୀକ୍ଷା ପାଇଁ ନିୟୋଜିତ କ୍ୱାଲିଟି ଆନାଲେସିସ ଓ ସହକାରୀ ଯୋଗାଣ ଅଧିକାରୀ ଚୁପ ପଛର କାରଣ ଉତ୍କୋଚ ବୋଲି ଚର୍ଚ୍ଚା ହେଉଛି । ମିଲର ସମସ୍ତଙ୍କୁ ଧରା ଧରି କରି ଦୁର୍ନୀତି ଚଳାଇଛନ୍ତି । ଅଭିଯୋଗ କଲେ ଭଲ ଚାଉଳ କହି ଅଧିକାରୀମାନେ ଦୋଷ ଖସାଇ ଦେଉଛନ୍ତି । ଜିଲା ଯୋଗାଣ ଅଧିକାରୀ ବ୍ରଜବନ୍ଧୁ ନାୟକ କୁହନ୍ତି, ରାଶନ ଚାଉଳର ମାନ ଏବେ ଭଲ ରହୁଛି । ଖରାପ ଅଭିଯୋଗ ଆସିଲେ ଆମେ ତଦନ୍ତ କରି ପଦକ୍ଷେପ ନେବୁ । ରାଶନ ଚାଉଳର ମାନ ଭଲ ନୁହେଁ ବୋଲି କେହି ଅଭିଯୋଗ କରିନାହାନ୍ତି ।

# ରଣପୁର ବ୍ଲକ୍ ବିଜୟୀ



ଅତିଥିଙ୍କ ସହ ଦୁଇ ଦଳର ଖେଳାଳି।

## ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟ

ନୟାଗଡ଼ ଅଫିସ,୧୩।୧୦

ସ୍ଥାନୀୟ ଇଟାମାଟି ବାମନ ଅବକାଶ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଚାଲିଥିବା ଜିଲାସ୍ତରୀୟ ଆନ୍ତଃବିଦ୍ୟାଳୟ ଫୁଟବଲ୍ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚ୍‌ରେ ନୂଆଗାଁ ବ୍ଲକକୁ ୬-୦ ଗୋଲ୍‌ରେ ପରାସ୍ତ କରି ରଣପୁର ବ୍ଲକ୍ ବିଜୟୀ ହୋଇଛି । ନୟାଗଡ଼ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା କ୍ରୀଡ଼ା ସମ୍ପାଦକ ଅଶେଷ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ମହାପାତ୍ର ଯୋଗଦେଇଥିଲେ । ନୟାଗଡ଼ର ଶାରୀରିକ ଶିକ୍ଷା ନୀରିକ୍ଷକ ପ୍ରକାଶ ଚରଣ ଶାନ୍ତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଅମିୟ ମୋହନ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ । ରଣପୁର ବ୍ଲକ୍‌ର ଆଶୁତୋଷ ସାହୁଙ୍କୁ ଶ୍ରେଷ୍ଠ ଖେଳାଳୀ ଭାବେ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ । ଗଙ୍ଗାଧର ସେଠୀ, ରବୀନ୍ଦ୍ର ନାଥ ନାୟକ, ଧନେଶ୍ୱର ଗିଧି,ବିଶ୍ୱରଞ୍ଜନ ସାହୁ ଖେଳ ପରିଚାଳନା କରିଥିଲେ ।

## ତୃତୀୟ ଦିନରେ ଜେଲ୍ କର୍ମଚାରୀଙ୍କ ଧାରଣା

### ଅନ୍ତେବାସୀଙ୍କ ସହ ଆଲୋଚନା କଲେ ଡ଼ିଆଇଜି, ଏସ୍‌ପି

**ଖଣ୍ଡପଡ଼ା,୧୩।୧୦(ସ୍ୱ.ପ୍ର.):** ଖଣ୍ଡପଡ଼ା ଉପକାରାଗାରର ଭାରପ୍ରାପ୍ତ ଅଧୀକ୍ଷକଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ବ୍ୟକ୍ତ କରି ଗତ ୩ ଦିନ ଧରି ଜେଲ୍ କର୍ମଚାରୀମାନେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଛନ୍ତି । ଗୁରୁବାର ଅପରାହ୍ନରେ ଗଞ୍ଜାମ ଡିଆଇଜି ଶୁଭକାନ୍ତ ମିଶ୍ର ଓ ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହି ଖଣ୍ଡପଡ଼ା ଉପକାରାଗାରକୁ ପରିଦର୍ଶନରେ ଆସି ଧାରଣାରତ କର୍ମଚାରୀ ଓ ଜେଲରେ ରହୁଥିବା ଅନ୍ତେବାସୀଙ୍କୁ ଭେଟି ଅଭିଯୋଗ ସମ୍ପର୍କରେ ଆଲୋଚନା କରିଥିଲେ । ଉପକାରାଗାରର ଭାରପ୍ରାପ୍ତ ଅଧୀକ୍ଷକ ଚେତନା ପାତ୍ରଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ଉଚ୍ଚ ପଦସ୍ଥ ଅଧିକାରୀଦ୍ୱୟ ଘଟଣା ସମ୍ପର୍କରେ ଖୋଳତାଡ କରି ସନ୍ଧ୍ୟାରେ ଫେରି ଯାଇଥିଲେ । ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି କର୍ମଚାରୀମାନେ କହିଥିଲେ ।

# ଜବରଦଖଲକାରୀଙ୍କ ଆକ୍ରମଣରେ ସାମାଜିକ କର୍ମୀ ଆହତ

**ମାମଲା ରୁଜୁ, ପୋଲିସର ତଦନ୍ତ ଜାରି**

ଓଡ଼ଗାଁ,୧୩।୧୦(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ସଂଲଗ୍ନ ମୂଲ୍ୟବାନ ଜମି ଏକ ପରିବାରର ଜବରଦଖଲରେ ରହିଛି । ସେହି ଜମି ଉପରେ ଏକ ଦୁଇ ମହଲା ବିଶିଷ୍ଟ କୋଠା ଘର ନିର୍ମାଣ ହୋଇଛି । ସେହି ସ୍ଥାନକୁ ବେଦଖଲ କରିବାକୁ ଦେବୋତ୍ତର ବିଭାଗ ତରଫରୁ ବାରମ୍ବାର ନୋଟିସ ହୋଇଛି । ଏପରିକି ସ୍ଥାନୀୟ ତହସିଲଦାର ଓ ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦଙ୍କୁ ମଧ ଗତ ବର୍ଷ ଅନୁରୁପ ନିର୍ଦ୍ଦେଶ ଦିଆଯାଇଛି । ହେଲେ ଜବରଦଖଲ ହଟିନି । ଏନେଇ ଜନ ଆନ୍ଦୋଳନ ମୁଣ୍ଡ ଟେକିଥିବା ବେଳେ ପ୍ରଶାସନ ଏହାକୁ ଗୁରୁତ୍ୱ ଦେଉନାହିଁ । ଫଳତଃ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ଲକ୍ଷ୍ମୀପୂଜା ମେଢ ପରିଦର୍ଶନ କରିବାକୁ ଆସିଥିଲେ । ଆଞ୍ଚଳିକ ବିକାଶ ପରିଷଦ ସଭାପତି ସୁଶାନ୍ତ କୁମାର ସାହୁ ବିଧାୟକଙ୍କୁ ଭେଟି ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ । ହେଲେ ପରବର୍ତ୍ତୀ ସମୟରେ ଜାଗାକୁ ଦଖଲରେ ରଖିଥିବା ଖଲି ଗୌଡ ଏବଂ ତାଙ୍କର ୩ ପୁଅ ସନ୍ତୋଷ, ରମେଶ ଓ ଗାଣ୍ଡୁ ସେଠାରେ ପହଞ୍ଚି ସୁଶାନ୍ତଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ । ଶେଷରେ ସେମାନେ ସୁଶାନ୍ତଙ୍କ ତଣ୍ଟି ଚିପି ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ସୁଶାନ୍ତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର ଚିକିତ୍ସା ପାଇଁ ପଠାଇଥିଲେ । ପ୍ରାଥମିକ ଚିକିତ୍ସା ପରେ ସୁଶାନ୍ତ ଆକ୍ରମଣକାରୀଙ୍କ ବିରୋଧରେ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ୪ ଆକ୍ରମଣକାରୀଙ୍କ ବିରୋଧରେ ଏକ ମାମଲା(ନଂ.୧୫୪/୨୦୨୨) ରୁଜୁ କରିଛି ।

# ୧୩ କିଲୋମିଟର ରାସ୍ତାକୁ ଘଣ୍ଟାଏ

- ରାସ୍ତାପାର୍ଶ୍ୱ ଜବରଦଖଲ ଯୋଗୁ ଟ୍ରାଫିକ୍ ଜାମ୍
- ଅଟକି ରହୁଛ ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି

ଖଣ୍ଡପଡ଼ା,୧୩।୧୦(ସ୍ୱ.ପ୍ର.)

କଣ୍ଟିଲୋ-ଖଣ୍ଡପଡ଼ା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱ ଜବରଦଖଲରେ ରହିଛି । ବିଭିନ୍ନ ସ୍ଥାନରେ ବ୍ୟବସାୟ ପ୍ରତିଷ୍ଠାନ ଖୋଲାଯାଇଛି । ଯାନବାହାନ ଚଳାଚଳରେ ସମସ୍ୟା ଉପୁଜୁଛି । ଏହାଛଡା କଣ୍ଟିଲୋ ବଜାର ଛକ ନିକଟରେ ଉଠା ବେପାରୀମାନଙ୍କ ଭିଡ଼ ଜମିଛି । ଉପରୋକ୍ତ କାରଣ ପାଇଁ ରାସ୍ତା ସଙ୍କୁଚିତ ହୋଇଯାଇଛି । କଣ୍ଟିଲୋ-ଖଣ୍ଡପଡ଼ା ରାସ୍ତାର ଦୂରତ୍ୱ ୧୩ କି.ମି.ହୋଇଥିଲେ ମଧ୍ୟ ଉକ୍ତ ରାସ୍ତାକୁ ଅତିକ୍ରମ କରିବାକୁ ହେଲେ ଗୋଟିଏ ଗାଡ଼ିକୁ ଘଣ୍ଟାଏ ସମୟ ଲାଗୁଛି । ଦୈନିକ ରାଜ୍ୟର କୋଣ,ଅଣୁକୋଣ ସମେତ ରାଜ୍ୟ ବାହାରରୁ ଶତାଧିକ ପର୍ଯ୍ୟଟକ ଯାନବାହାନରେ ପ୍ରଭୁ ଶ୍ରୀନୀଳମାଧବଙ୍କ ଦର୍ଶନ କରିବାକୁ ଆସୁଛନ୍ତି । ମାତ୍ର ରାସ୍ତାର ଶୋଚନୀୟ ଅବସ୍ଥା ସାଙ୍ଗକୁ ରାସ୍ତାପାର୍ଶ୍ୱ ଜବରଦଖଲ ଯୋଗୁ ଖଳିସାହି ମୁଖ୍ୟ ବଜାର ଦେଇ ଯାନବାହନ, ହାଇୱା ଗାଡ଼ି ଓ ଯାତ୍ରୀବାହୀ ବସ୍ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି । ଖାଲି ସେତିକ ନୁହେଁ ଖଳିସାହି ବଜାରରେ ଅଧିକାଂଶ ସମୟ ଟ୍ରାଫିକ୍ ଜାମ୍ ଯୋଗୁ ୧୦୮, ୧୦୨ ଆମ୍ବୁଲାନ୍ସ ଓ ଅଗ୍ନିଶମ ସେବା ବାଧାପ୍ରାପ୍ତ ହେଉଛି । ଏଭଳି ଅଭାବନୀୟ ସ୍ଥିତିକୁ ନେଇ ସାଧାରଣରେ ଅସନ୍ତୋଷ ପାଉଥିଲେ ହେଁ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି । ସର୍ବସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖଳିସାହି ବଜାର ରାସ୍ତାର ଉଭୟ ପାର୍ଶ୍ୱରୁ ଜବରଦଖଲକାରୀଙ୍କୁ ହଟାଇବା ନିମନ୍ତେ ଖଣ୍ଡପଡ଼ା ତହସିଲ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।



କଣ୍ଟିଲୋ-ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ରାସ୍ତାର ଖଳିସାହି ବଜାରରେ ଟ୍ରାଫିକ୍ ଜାମ୍ ।

# ସ୍କୁଲରେ ତାଲା, ଦଶହରା ଛୁଟି ପରେ ଆସୁନାହାନ୍ତି ଶିକ୍ଷକ

ନୂଆଗାଁ ୧୩।୧୦ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତର ଲୁଣି ପ୍ରାଥମିକ ବିଦ୍ୟାଳୟରେ ତାଲା ଝୁଲୁଛି । ଦଶହରା ଛୁଟି ପରେ ଶିକ୍ଷକ ସ୍କୁଲକୁ ଆସୁନାହାନ୍ତି । ଏ ନେଇ ଗୁରବାର ଅତିରିକ୍ତ ଶିକ୍ଷାଧିକାରୀଙ୍କୁ ଭେଟି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଜାକେଡା ପଞ୍ଚାୟତର ଆଦିବାସୀ ଉପାନ୍ତ ଅଞ୍ଚଳ ଲୁଣି, ବଡଜିରି, ସାନଜିରି ଗ୍ରାମର ପିଲାମାନେ ପାଠ ପଢିବା ପାଇଁ ବଡଜିରି ଓ ଲୁଣି ଗ୍ରାମରେ ୨ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା । ବଡଜିରି ପ୍ରାଥମିକ ବିଦ୍ୟାଳୟଟି ପାହାଡିଆ ଦୁର୍ଗମ ଅଞ୍ଚଳରେ ଥିବାରୁ ସେଠାକୁ ଶିକ୍ଷକ ପ୍ରତିଦିନ ଆସନ୍ତି ନାହିଁ କିମ୍ବା ସ୍କୁଲ ବିଷୟରେ ତଦାରଖ କରିବା ପାଇଁ କୌଣସି ଅଧିକାରୀଙ୍କ ପାଦ ପଡେ ନାହିଁ । ଫଳରେ ସ୍କୁଲରେ ପାଠ ପଢାରେ ବାଧା ସୃଷ୍ଟି ହେବାରୁ ଛାତ୍ରୀଛାତ୍ରମାନେ ସ୍କୁଲରୁ ମୁହଁ ଫେରାଇ ନେଲେ ଏବଂ ଆବଶ୍ୟକ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ନ ହେବାରୁ ସ୍କୁଲଟି ବନ୍ଦ ହୋଇଗଲା । ଏବେ କେବଳ ଲୁଣି ପ୍ରାଥମିକ ବିଦ୍ୟାଳୟରେ ପାଠ ପଢା ଚାଲିଥିଲା । ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପାଠ ପଢାଇବା ପାଇଁ ଜଣେ ଶିକ୍ଷକଙ୍କୁ ନିଯୁକ୍ତି କରାଯାଇଛି । ସମ୍ପୃକ୍ତ ଶିକ୍ଷକ ଛୁଟିରେ ଥିବାରୁ ଶିକ୍ଷକ ଅଚ୍ୟୁତନନ୍ଦ ଦାସଙ୍କୁ ଲୁଣି ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେଶନରେ ପଠା ଯାଇଥିଲା । ଦଶହରା ଛୁଟି ପୂର୍ବରୁ ସେ ପ୍ରତିଦିନ ସ୍କୁଲ ଆସୁଥିବା ଗ୍ରାମବାସୀ କହିଛନ୍ତି । ଦଶହରା ଛୁଟିପରେ ସେ ଆଉ ସ୍କୁଲକୁ ଆସୁନାହାନ୍ତି । ଫଳରେ ଛାତ୍ରୀଛାତ୍ରମାନେ ପାଠପଢାରୁ ବଞ୍ଚିତ ହେଉଥିବା ଗ୍ରାମବାସୀ କହିଛନ୍ତି । ଏ ବାବଦରେ ଶିକ୍ଷାଧିକାରୀଙ୍କୁ ଅଭିଯୋଗ କରିବା ପାଇଁ ଲୁଣି ଗ୍ରାମର ପ୍ରକାଶ କୁମାର ଜାନୀ ଓ ତ୍ରିନାଥ ମଳିକ ନୂଆଗାଁ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ । ଅତିରିକ୍ତ ଶିକ୍ଷାଧିକାରୀ ଉମେଶ ଚନ୍ଦ୍ର କରଙ୍କୁ ଭେଟି ଘଟଣା ବିଷୟରେ ଜଣାଇଥିଲେ । ଅଭିଯୋଗ ଶୁଣିବା ପରେ କୌଣସି ଶିକ୍ଷକ ଉକ୍ତ ସ୍କୁଲକୁ ଯିବା ପାଇଁ ରାଜି ହେଉ ନାହାନ୍ତି । ତେଣୁ ତୁମେମାନେ ବୁଝ କେଉଁ ଶିକ୍ଷକ ସେହି ସ୍କୁଲକୁ ପାଠ ପଢାଇବା ପାଇଁ ଯିବେ ବୋଲି ଅତିରିକ୍ତ ଶିକ୍ଷାଧିକାରୀ କର କହିଥିଲେ। ତେବେ ଅତିରିକ୍ତ ଶିକ୍ଷାଧିକାରୀଙ୍କ ଏପରି ଉତ୍ତର ଓ ଶିକ୍ଷକ ସ୍କୁଲକୁ ନ ଯିବା ବାବଦରେ ନୂଆଗାଁ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ନୟାଗଡ଼ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକଙ୍କୁ ପଚାରିବାରେ ମୁଁ କାଲି ଏହି ସମସ୍ୟାର ସମାଧାନ କରିବି ବୋଲି କହିଛନ୍ତି । ସ୍କୁଲକୁ ନ ଯିବାର କାରଣ ବିଷୟରେ ଶିକ୍ଷକ ଅଚ୍ୟୁତାନନ୍ଦ ଦାସଙ୍କୁ ପଚାରିବାରେ ମୋର ଡେପୁଟେଶନ ଗତ ୩୦ ତାରିଖ ପର୍ଯ୍ୟନ୍ତ ଥିଲା । ମୁଁ ସେଦିନ ପର୍ଯ୍ୟନ୍ତ ଡ୍ୟୁଟି ଠିକ୍ ଭାବେ ତୁଲାଇଛି ବୋଲି କହିଛନ୍ତି ।




ଲୁଣି ପ୍ରାଥମିକ ବିଦ୍ୟାଳୟ ବନ୍ଦ ରହିଛି ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଉର୍ବଶୀ



@ କିଶୋର



@ ବଳରାମ



@ ଅମର



@ ସ୍ମାରକ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।